RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -138 | ସଂଖ୍ୟା-୧୩୮
ଭୁବନେଶ୍ୱର, ମଙ୍ଗଳବାର ୧୧ ଅଗଷ୍ଟ ୨୦୨୬
Bhubaneswar, Tuesday 11 August, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଗୃହମନ୍ତ୍ରୀଙ୍କ ବିବୃତି ଦାବି କରି କଂଗ୍ରେସ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଲା

ନୂଆଦିଲ୍ଲୀ, ୧୦।୮(ନି.ପ୍ର.): କଂଗ୍ରେସ ଦାବି କରିଛି ଯେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଗୃହକୁ ଡକାଇ ଦିଲ୍ଲୀରେ ବିକ୍ଷୋଭକାରୀ ଛାତ୍ରଙ୍କ ବିରୋଧରେ ପୋଲିସ ବର୍ବରତା ଉପରେ ବିସ୍ତୃତ ବିବୃତି ଦେବାକୁ ନିର୍ଦ୍ଦେଶ ଦିଅନ୍ତୁ। କଂଗ୍ରେସ ସାଧାରଣ ସମ୍ପାଦକ ତଥା ଲୋକସଭା ସାଂସଦ କେ. ସି. ଭେନୁଗୋପାଳ ଏହି ପ୍ରସଙ୍ଗରେ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖି ମାମଲାର ତୁରନ୍ତ ସଂସଦୀୟ ତଦନ୍ତ ଏବଂ ଗୃହମନ୍ତ୍ରୀଙ୍କ ଉତରଦାୟିତ୍ୱ ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି।

ପବ୍ଲିକ୍ ଆକାଉଂଟସ୍ କମିଟିର ଅଧ୍ୟକ୍ଷ ଭାବରେ ଲିଖିତ ଚିଠିରେ ଭେନୁଗୋପାଳ କହିଛନ୍ତି ଯେ, ଦିଲ୍ଲୀରେ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପ୍ରୟୋଗ କରୁଥିବା ଛାତ୍ରମାନଙ୍କ ବିରୋଧରେ ପୋଲିସ ଦ୍ୱାରା ଅତ୍ୟଧିକ ବଳ ପ୍ରୟୋଗ, ଯେଉଁଥିରେ ପେଲେଟ ବନ୍ଧୁକ ଗୁଳି ଚାଳନା ରିପୋର୍ଟ ମଧ୍ୟ ସାମିଲ୍ ରହିଛି, ଯାହାକି ଏକ ଗୁରୁତର ଜାତୀୟ ଚିନ୍ତାର ବିଷୟ। ଏହି ମାମଲାରେ ତତ୍କାଳ ସଂସଦର ତଦାରଖ ଏବଂ ଯାଂଚ୍ ର ଜରୁରୀ ଆବଶ୍ୟକତା ରହିଛି। ଚିଠିରେ ଭେନୁଗୋପାଳ କହିଛନ୍ତି ଯେ, ଯେହେତୁ ଦିଲ୍ଲୀ ପୋଲିସ ସିଧାସଳଖ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ, ତେଣୁ ପୋଲିସ କାର୍ଯ୍ୟାନୁଷ୍ଠାନର ଚୂଡ଼ାନ୍ତ ଦାୟିତ୍ୱ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉପରେ ରହିଛି। ସେ ଭାରତ ସରକାରଙ୍କ କାର୍ଯ୍ୟ ଆବଂଟନ ନିୟମର ଏବଂ ସମ୍ବିଧାନର ଧାରା ୭୭କୁ ଉଲ୍ଲେଖ କରି କହିଥିଲେ ଯେ, ଗୃହ ମନ୍ତ୍ରୀ ତାଙ୍କ ମନ୍ତ୍ରଣାଳୟର ଅଧିକାର କ୍ଷେତ୍ର ସହ ଜଡ଼ିତ ସମସ୍ତ ବିଷୟ ପାଇଁ ଉତରଦାୟୀ। ସମ୍ବିଧାନର ଧାରା ୭୫ (୩) ଅନୁଯାୟୀ ଲୋକସଭାରେ ମନ୍ତ୍ରୀ ପରିଷଦର ସାମୂହିକ ଦାୟିତ୍ୱ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ, କାର୍ଯ୍ୟପାଳିକା ଏହା ଅଧୀନରେ କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ସଂସଦ ନିକଟରେ ଉତରଦାୟୀ।

### ୧୬ତମ ନିଯୁକ୍ତି ମେଳାରେ ୯ଟି ବିଭାଗରେ ନିଯୁକ୍ତି ପାଇଲେ ୧୩୨୬

# ଆଜି ସୁଦ୍ଧା ୪୫,୪୦୮ ସରକାରୀ ନିଯୁକ୍ତି

ଭୁବନେଶ୍ୱର, ୧୦।୮(ନି.ପ୍ର.): ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି।

ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ ଓଏଚପିସିରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରିକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରିକ୍ଷକଙ୍କୁ ନିଯୁକ୍ତି ମିଳିଛି।

ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ଚାକିରିରେ ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଂଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ ୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ଓଡିଶାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର ଲକ୍ଷ୍ୟ ରହିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ।




ସେ ଆହୁରି କହିଥିଲେ ଯୁବଶକ୍ତିର ସାମର୍ଥ୍ୟର ପ୍ରକୃତ ଉପଯୋଗ ପାଇଁ ଶିଳ୍ପାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତି ମାନଙ୍କୁ ଭେଟି ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରୁଛୁ। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଦୁଇ ଦିନ ତଳେ ନୂଆ ଦିଲ୍ଲୀ ଓ ନୋଇଡାରେ ଓଡିଶା ଫୁଡ୍ ପ୍ରୋସେସିଙ୍ଗ୍ ରୋଡ୍ ସୋ ରେ ଯୋଗଦେଇ ଶିଳ୍ପପତିମାନଙ୍କ ସହ ଓଡିଶାରେ ନିବେଶ ପାଇଁ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ସମୟରେ ୪୬ଟି ବୈଠକରେ ୨୦୮ ଜଣ ନିବେଶକଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ହୋଇଛି, ୩୮ଟି ଗକ୍ଟ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି ବୋଲି କହି ଆଗାମୀ ଦିନରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନବନିଯୁକ୍ତଙ୍କୁ ଦୁର୍ନୀତିରୁ ସବୁବେଳେ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କର୍ମକ୍ଷେତ୍ରରେ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରି ପରିବାର ପାଇଁ ସୁନାମ ଆଣିବା ସହିତ ରାଜ୍ୟର ଉନ୍ନତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ। ପଂଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ମାନବ ସେବା ହିଁ ମାଧବ ସେବା, ଏହା ଆମର ଧର୍ମ ଅଟେ। ଆପଣମାନେ ଆସନ୍ତା କାଲି ପାଇଁ ଓଡିଶାର ଭାଗ୍ୟବିଧାତା। ଆମର ୨୦୩୬ ଲକ୍ଷ୍ୟ ପୂରଣର ପ୍ରମୁଖ ବିଧାଣୀ। ଓଡିଶା ମାଟିରେ ସେବା ଓ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ନବନିଯୁକ୍ତମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ସମସ୍ତେ ସତ୍ୟ ନିଷ୍ଠା ଓ ସେବା ମନୋବୃତି ନେଇ କାମ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦୋନ୍ନତି ପାଇଲେ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା

ଭୁବନେଶ୍ୱର, ୧୦।୮(ନି.ପ୍ର): ରାଜ୍ୟ ପୁଲିସ୍‌ରେ ବଡ ପରିବର୍ତନ। ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା ଭିତରେ ଆସିଛି ବଡ଼ ଖବର। ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା। ପୂର୍ବରୁ ଉଭୟ ଏଡିଜି ପାହ୍ୟାର ଆଇପିଏସ୍ ଭାବେ କାମ କରୁଥିଲେ।

କିନ୍ତୁ ଆଜି ବିଧିବଦ୍ଧ ଭାବେ ଉଭୟଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ପଦୋନ୍ନତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଅଗଷ୍ଟ ୮ରେ ପ୍ରଥମେ ଓଡିଶା ରିପୋର୍ଟର ଖବର ପ୍ରକାଶ କରିଥିଲା। ଏବେ ଏହା ସତ ହୋଇଛି। ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।

ଏହି ପଦୋନ୍ନତି ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଆସନ୍ତା ୧୬ ତାରିଖରେ ବର୍ତ୍ତମାନ ରାଜ୍ୟ ପୁଲିସ୍ ମୁଖିଆ ଭାବେ କାର୍ଯ୍ୟ କରୁଥିବା ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି। ଏହାପରେ ନୂଆ ଡିଜିପିଙ୍କୁ ତାଙ୍କ ସ୍ଥାନ ନେବେ। ଏହାର ପୂର୍ବରୁ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ପଦୋନ୍ନତି ମିଳିଛି।

ନୂଆଦିଲ୍ଲୀରରେ ୟୁପିଏସସିଙ୍କ ଦ୍ୱାରା ପୁଲିସ ଡିଜି ଚୟନ ବୈଠକରେ ବରିଷ୍ଠ ଆଇପିଏସ୍ ସୁଶାନ୍ତ କୁମାର ନାଥଙ୍କ ନାଁକୁ ଅଗଷ୍ଟ ୭ରେ ପ୍ୟାନେଲରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ଏହାକୁ ୨୪ଘଣ୍ଟା ନପୁରୁଣୁ ୧୯୯୪ ବ୍ୟାଚର ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ କୁମାର ପଣ୍ଡା ଓ ଯଶବନ୍ତ କୁମାର ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ପାଇଁ ଆନୁଷ୍ଠାନିକ ଭାବେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରାଜ୍ୟରେ ମୋଟ ୪ଟି ମଞ୍ଜୁରୀପ୍ରାପ୍ତ ଡିଜି ପଦବୀ(୨ଟି କ୍ୟାଡର ଓ ୨ଟି ଏକ୍ସକ୍ୟାଡର) ରହିଥିବାବେଳେ ୫ଜଣ ଅଫିସର ଏବେ ଡିଜି ପାହ୍ୟାରେ କାର୍ଯ୍ୟରତ ଅଛନ୍ତି।

ପୁଲିସ ଡିଜି ୱାଇବି ଖୁରାନିଆ ଚଳିତମାସ ୧୬ତାରିଖରେ ଅବସର ନେବେ।

ଶ୍ରୀ ଖୁରାନିଆ ଆପେକ୍ସ ସ୍କେଲ (ଲେଭଲ-୧୭)ରେ ରହିଥିବା ବେଳେ ଡିଜି ସ୍କେଲ (ଲେଭଲ-୧୬)ରେ ସୁଧାଂଶୁ ଷଡଙ୍ଗୀ, ସୁଶାନ୍ତ ନାଥ, ବିନୟତୋଷ ମିଶ୍ର ଓ ଆରପି କୋଚେ କାର୍ଯ୍ୟ କରୁଛନ୍ତି। ଅଧିକ ସଂଖ୍ୟକ ଡିଜି ପଦବୀ ସୃଷ୍ଟି ନ କରିବାକୁ କେନ୍ଦ୍ର ସରକାରଙ୍କ ବାରମ୍ବାର ତାଗିଦ୍ ଯୋଗୁ ଡିଜି ପାହ୍ୟାକୁ ରାଜ୍ୟ ସରକାର କାହାରିକୁ ପଦୋନ୍ନତି ଦେଇପାରୁ ନଥିଲେ।

ସଞ୍ଜୀବ ଏବେ ନକ୍ସଲ ଦମନ ଅପରେସନର ଅତିରିକ୍ତ ଡିଜି ଓ ଯଶବନ୍ତ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏବେ ପଦୋନ୍ନତି ମିଳିଥିବାରୁ ୟୁପିଏସସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ୩ଜଣିଆ ସମ୍ଭାବ୍ୟ ପ୍ୟାନେଲରେ ସୁଧାଂଶୁ ଷଡଙ୍ଗୀ, ଆରପି କୋଚେଙ୍କ ସହ ସଞ୍ଜୀବ ପଣ୍ଡାଙ୍କ

## ଶିକ୍ଷାର୍ଥୀଙ୍କ ଉପରେ ପୁଲିସର ଲାଠିଚାର୍ଜ

ରାଂଚି, ୧୦।୮(ନି.ପ୍ର.): ଝାଡଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ତେଜିଛି ଛାତ୍ର ଆନ୍ଦୋଳନ। ବିଧାନସଭା ଘେରାଉ ପାଇଁ ହଜାର ହଜାର ଚାକିରିଆଶାୟୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ପୁଲିସ ସହ ହୋଇଛି ଖଣ୍ଡଯୁଦ୍ଧ। ଆନ୍ଦୋଳନକାରୀଙ୍କୁ ଅଟକାଇବା ପାଇଁ ପୁଲିସ ପାଣି ମାଡ ସହ ଲୁହବୁହା ଗ୍ୟାସ୍ ଓ ଲାଠିଚାର୍ଜ କରିଛି। ପୁଲିସର କାର୍ଯ୍ୟାନୁଷ୍ଠାନରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ଜଣାପଡିଛି। ସୋମବାର ସକାଳ ପ୍ରାୟ ସାଢେ ୧୦ଟା। ପୁରୁଣା ବିଧାନସଭା ଭବନ ନିକଟରୁ ଆରମ୍ଭ ହୋଇଥିଲା ଶିକ୍ଷାର୍ଥୀଙ୍କ ବିଶାଳ ଶୋଭାଯାତ୍ରା। ହାତରେ ଥିଲା ତ୍ରିରଙ୍ଗା ଓ ବିଭିନ୍ନ ଦାବି ଲେଖା ପ୍ଲାକାର୍ଡ। ରାଜ୍ୟର ସମସ୍ତ ନିଯୁକ୍ତି ପରୀକ୍ଷା ବାତିଲ ସହ ନିରପେକ୍ଷ ତଦନ୍ତ ଦାବିରେ ବିଧାନସଭା ଅଭିମୁଖେ ଆଗକୁ ବଢିଥିଲେ ଆନ୍ଦୋଳନକାରୀ। ପୁଲିସ ପକ୍ଷରୁ ରାସ୍ତାରେ ଏକାଧିକ ବ୍ୟାରିକେଡ୍ ଲଗାଯାଇଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିଥିଲେ ବିକ୍ଷୋଭକାରୀ।

## ଅଚଳାବସ୍ଥାର ସମାପ୍ତ ପାଇଁ ଲୋକସଭା ବାଚସ୍ପତିଙ୍କ ଅପିଲ

ନୂଆଦିଲ୍ଲୀ, ୧୦।୮(ନି.ପ୍ର.): ଲୋକସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଦିନ ବ୍ୟବସାୟ ପରାମର୍ଶଦାତା କମିଟି (ବିଏସି) ବୈଠକରେ ଏହି ଆବେଗପୂର୍ଣ୍ଣ ଆବେଦନ କରିଛନ୍ତି। ଗୃହରେ ଅଚଳାବସ୍ଥା ନେଇ ଉଦବେଗ ପ୍ରକାଶ କରି ସେ ସମସ୍ତ ଦଳର ନେତାମାନଙ୍କୁ କହିଥିଲେ ଯେ ଲୋକଙ୍କ ସ୍ୱର ଗୃହରେ ଶୁଣାଯିବା ଉଚିତ।

ସୂତ୍ର ଅନୁଯାୟୀ, ବି. ଏ. ସି. ବୈଠକରେ ଅଧ୍ୟକ୍ଷ ସମସ୍ତ ପକ୍ଷଙ୍କୁ ଏହି ଅଚଳାବସ୍ଥାର ସମାପ୍ତ ପାଇଁ ଏକ ଉପାୟ ଖୋଜିବାକୁ କହିଥିଲେ। ସେ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ପାଇଁ ଯେତିକି ସମୟ ଆବଶ୍ୟକ, ପ୍ରଶ୍ନକାଳ ସେତିକି ସମୟ ପ୍ରଦାନ କରିବ। ଜନସାଧାରଣଙ୍କ ସମସ୍ୟାଗୁଡ଼ିକୁ ଗୃହର କରିଡରରେ ଅପେକ୍ଷା କରାଯାଇ ପାରିବ ନାହିଁ। ଏହି ପ୍ରସଙ୍ଗଗୁଡ଼ିକ ଏହି ଗୃହରେ ଉଠାଯିବା ଉଚିତ। ସେଗୁଡ଼ିକ ଉପରେ ଆଲୋଚନା କରାଯିବା ଉଚିତ ଏବଂ ସମାଧାନ ବାହାର କରାଯିବା ଉଚିତ।

ଲୋକସଭା ବାଚସ୍ପତି କହିଥିଲେ ଯେ ସଦସ୍ୟ ଏବଂ ଦେଶର ପ୍ରଭାବୀ ଅଂଶଗ୍ରହଣ ଗୃହର ଅର୍ଥପୂର୍ଣ୍ଣ ଏବଂ ଗଠନମୂଳକ ବିଚାର-ବିମର୍ଶକୁ ଶୁଣି, ଏବେ ସମସ୍ତେ ଏହି ଦିଗରେ ଚିନ୍ତା କରିବା ଉଚିତ। ଲୋକସଭା ବାଚସ୍ପତି ସମସ୍ତ ଦଳର ସହଯୋଗ ପାଇଁ ନିବେଦନ କରିଥିଲେ। ସେ କହିଥିଲେ ଯେ ସମସ୍ତଙ୍କ ସହଯୋଗରେ, ଗୃହର କାର୍ଯ୍ୟଧାରା ସୁଗମ, ଶୃଙ୍ଖଳିତ ଏବଂ ମର୍ଯ୍ୟାଦାପୂର୍ଣ୍ଣ ହେବା ଉଚିତ, ଯାହାଦ୍ୱାରା ଜନସ୍ୱାର୍ଥ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବ୍ୟାପକ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା କରାଯାଇପାରିବ।

ମୌସୁମୀ ଅଧିବେଶନ ଆରମ୍ଭ ହେବାର ଦୁଇ ସପ୍ତାହରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି। ଗୃହର ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ଗଠିତ ହୋଇଥିବା ବି. ଏ. ସି. ମଧ୍ୟ ସହମତି ହାସଲ କରିବାରେ ଅସମର୍ଥ। ଏହି ଦୁଇଟି ବିଲ୍କୁ ସଂସଦୀୟ ଯାଞ୍ଚ ପାଇଁ ପଠାଇବାକୁ ବିରୋଧୀ ଦଳ ସରକାରଙ୍କୁ ଦାବି କରିଛନ୍ତି। ଏଥିମଧ୍ୟରେ ଜାତୀୟ ସମବାୟ ବିକାଶ ନିଗମ (ସଂଶୋଧନ) ବିଲ୍, ୨୦୨୬ ଏବଂ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ ଅନ୍ତର୍ଭୁକ୍ତ।

ଏହା ବ୍ୟତୀତ ବିରୋଧୀ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ଆଲୋଚନା ଦାବି କରିଛନ୍ତି ଏବଂ 'ରାମ ମନ୍ଦିର ଦାନ ଚୋରି' ଅଭିଯୋଗ କରିଛନ୍ତି। ଉଭୟ ଦାବି ସ୍ୱୀକାର ନହେବା ପର୍ଯ୍ୟନ୍ତ ଗୃହ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ବିରୋଧୀ ଦଳ ସ୍ପଷ୍ଟ କରିଛନ୍ତି।

ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ନୀତିଗତ ଭାବେ ରାଜି ହୋଇଥିବା ସୂଚନା ମିଳିଛି। ଏହାର ଉତ୍ତର ଦେବାକୁ ହେବ ଗୃହମନ୍ତ୍ରୀଙ୍କୁ। ତେବେ ଏହି

## ଲୋକସଭାରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍ ପାରିତ

ନୂଆଦିଲ୍ଲୀ, ,୧୦।୮(ନି.ପ୍ର.); – ଲୋକସଭାରେ ସୋମବାର ଦିନ ଉତେଜନା ମଧ୍ୟରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ୨୦୨୬ ପାରିତ ହୋଇଛି। ଏହା ଏକ ଜାତୀୟ ଟ୍ରିବ୍ୟୁନାଲ କମିଶନ ଗଠନ ଏବଂ ବିଭିନ୍ନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ଏବଂ ସେବା ସର୍ତାବଳୀ ପାଇଁ ଏକ ସମାନ ବ୍ୟବସ୍ଥା ପ୍ରଦାନ କରିଥାଏ। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଲ୍‌କୁ ଉପସ୍ଥାପନ କରିଥିଲେ। ବିଲ୍‌ରେ ଦିଆଯାଇଥିବା ଉଦ୍ଦେଶ୍ୟ ଏବଂ କାରଣ ଅନୁଯାୟୀ ୨୦୨୧ ମସିହାରେ ଏହି ନୂତନ ଆଇନ ପ୍ରଣୟନ କରାଯାଇଥିଲା। ଏହା ଟ୍ରିବ୍ୟୁନାଲର ଚେୟାରପର୍ସନ ଏବଂ ସଦସ୍ୟଙ୍କ ଚୟନ ଏବଂ ନିଯୁକ୍ତି ପାଇଁ ପ୍ରକ୍ରିୟା ଏବଂ ସେମାନଙ୍କ ସେବାର ସର୍ତାବଳୀ ସ୍ଥିର କରିଥିଲା। ଏହାର କେତେକ ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ। କୋର୍ଟ କହିଥିଲେ ଯେ ଏହି ବ୍ୟବସ୍ଥା ନ୍ୟାୟିକ ସ୍ୱାଧୀନତା ଏବଂ ସରକାରଙ୍କ କ୍ଷମତା ହସ୍ତାନ୍ତର ନୀତି ସହିତ ମେଳ ଖାଉନାହିଁ। ଏହାବ୍ୟତୀତ ଏକ ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ଢଙ୍ଗରେ ଟ୍ରିବ୍ୟୁନାଲରେ ନିଯୁକ୍ତି କରିବା ପାଇଁ ଏକ ଜାତୀୟ ଟ୍ରିବ୍ୟୁନାଲ କମିଶନ ଗଠନ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସରକାର ୨୦୨୧ ଆଇନ୍‌କୁ ରଦ୍ଦ କରିବା ଏବଂ ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ୨୦୨୬ ଉପସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହା ଏକ ଜାତୀୟ ଟ୍ରିବ୍ୟୁନାଲ କମିଶନ ଗଠନ ପାଇଁ ବ୍ୟବସ୍ଥା କରେ ଏବଂ ଯୋଗ୍ୟତା, ଚୟନ, ନିଯୁକ୍ତି, ଦରମା, ସେବା ସର୍ତାବଳୀ ଏବଂ ଟ୍ରିବ୍ୟୁନାଲର ଚେୟାରପର୍ସନ ଏବଂ ସଦସ୍ୟମାନଙ୍କୁ ହଟାଇବା ପାଇଁ ପ୍ରକ୍ରିୟା ସ୍ଥିର କରେ।

# ବନବିଭାଗ ସାଜିଛି ବିନାଶ ବିଭାଗ !

ଗୋପ/ଅସ୍ତରଙ୍ଗ ,୧୦।୮(ନି.ପ୍ର.); 'ସବୁଜ ଓଡ଼ିଶା' କହି ସରକାର ବଡ ବଡ ଭାଷଣ ଦେଉଛନ୍ତି। ଆଉ ତଳେ ତାଙ୍କ ବନବିଭାଗ କରୁଛି ଜନତାଙ୍କ ଟଙ୍କାରେ ନିଜ ପାଣ୍ଠି ବୃଦ୍ଧି କର୍ମଚାରୀ ନିଜ ପକେଟ ଗରମ । ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ଛୁରୀଆନା ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଏବେ ଖୋଲିଛି ସ୍ୱାଧୀନ ଭାରତର ସବୁଠୁ ବଡ 'ସବୁଜ ସ୍କାମ' ।୨୦୨୪-୨୫ ରେ କାମ୍ପା ଓ ମନରେଗାରୁ କୋଟି କୋଟି ଟଙ୍କା ଉଠିଗଲା। ଫାଇଲରେ ଲେଖାହେଲା ୮୦ ହଜାର ଝାଉଁ ଚାରା ରୋପଣ ସରିଲା। ବିଲ୍ ପାସ୍ ହେଲା, ଅଫିସରଙ୍କ ପକେଟ ଗରମ ହେଲା। କିନ୍ତୁ ସତ କ'ଣ ? ରାସ୍ତା କଡରେ ଫଟୋ ପାଇଁ କିଛି ଗଛ ଠିଆ କରାଯାଇଛି। ଆଉ ଭିତରେ ହଜାର ହଜାର ଏକର ଜମିରେ ଶୁଖିଲା କାଠି ପଡିଛି। ମାନେ ସିଧା କଥା - ଟଙ୍କା ଲୁଟିଲେ,ପାଣି ଅଭାବ ରୁ ଜଙ୍ଗଲ ମାରିଦେଲେ, ଆଉ ସମୁଦ୍ର କୂଳକୁ ବାତ୍ୟା ମୁହଁରେ ଠେଲିଦେଲେ।

ପୁରା ବନବିଭାଗର ମିଳିତ ଲୁଟ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଙ୍କ ସମୟରେ ଲୁଟ୍ ହେଲା, ତାଙ୍କ ତଦାରକୀରେ ଗଛ ମଲା। ଆଉ କହିଛନ୍ତି 'ଚାରା ମରିନାହିଁ, ୱାଟର ଲଗିଙ୍ଗ ହୋଇଛି' । ଲୋକଙ୍କୁ ବୋକା ଭାବୁଛନ୍ତି କି ? ଯଦି ଚାରା ମରିନାହିଁ ତେବେ ଖବର ଛପିବା ପରେ ରାତି ରେ ଚାରା କାହିଁକି ଆସିଲା ? ସକାଳୁ ତଡାତଡି ହୋଇ ରୋପଣ କାହିଁକି ହେଲା ? ଏହା ସବୁଜିମା ନୁହେଁ, ଏହା ଆପଣଙ୍କ 'ପ୍ରମାଣ ନଷ୍ଟ ଅଭିଯାନ' । ଯଦି ମାଟି ଖରାପ ଥିଲା ତେବେ କୋଟି ଟଙ୍କା ଖର୍ଚ୍ଚ କରିବା ପୂର୍ବରୁ ଟେଷ୍ଟ କଲେନି କାହିଁକି ? ନାଁ ଟେଷ୍ଟ କଲେ ତ ଆପଣଙ୍କ କମିଶନ ବନ୍ଦ ହୋଇଯାଇଥାନ୍ତା ! ତଦାରଖ ଦାୟିତ୍ୱରେ ବନପାଳ। ଏମାନଙ୍କ କାମ ହେଲା ଫିଲ୍ଡ ବୁଲିବା। କିନ୍ତୁ ଏମାନେ କରୁଛନ୍ତି କ'ଣ ? ଅଫିସରେ ବସି ଭୂତୁଡି ଶ୍ରମିକଙ୍କ ନାଁରେ ମଷ୍ଟର ରୋଲ କରୁଛନ୍ତି। ଘରେ ଶୋଇଥିବା ଲୋକଙ୍କ ଆକାଉଣ୍ଟକୁ ଦୈନିକ ୨୫୯ ଟଙ୍କା ପଶୁଛି। ଆଉ ନିଜେ ମୋଟା ଅଙ୍କର 'କମିଶନ' ଖାଉଛନ୍ତି। ଏହା ହିଁ ଏମାନଙ୍କ ଦେଶସେବା। ଏବେ ଅଞ୍ଚଳରେ ଜୋରସୋରରେ ଚର୍ଚ୍ଚା ହେଉଛି ଯେ ବନବିଭାଗର ଏହି କୋଟି କୋଟି ଟଙ୍କାର



କମିଶନର ଏକ ବଡ ଅଂଶ ଯୁବ କୁଜି ନେତାଙ୍କ ହାତ ଦେଇ ସିଧା ଶାସକ ଦଳର ବଡ ବଡ ନେତାଙ୍କ ପାଖକୁ ଯାଉଛି। ଏଥିପାଇଁ ତ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଚୁପ୍। ତେଣୁ ଏହି କମିଶନର ଲେଣଦେଣ ବି ତଦନ୍ତ ପରିସରକୁ ଆସିବା ଆବଶ୍ୟକ। କାହା ପାଖକୁ କେତେ ଟଙ୍କା ଗଲା ତାର ହିସାବ ଜନତା ମାଗୁଛନ୍ତି । ସ୍ଥାନୀୟ ଅଭିଯୋଗ ଅନୁସାରେ ବନାଞ୍ଚଳ ଅଧିକାରିଣୀ ଓ ବନପାଳଙ୍କ ଦୁଇ ବର୍ଷ ପୂର୍ବର ସମ୍ପତି ଓ ବର୍ତମାନର ସମ୍ପତି ଆକାଶ ପାତାଳ ତଫାତ୍। ତୁରନ୍ତ ତାଙ୍କର ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ସମ୍ପତି ବିବରଣୀ ଯାଞ୍ଚ କରାଯାଉ। ଟଙ୍କା କେଉଁଠୁ ଆସୁଛି ଜନତା ଜାଣିବାକୁ ଚାହୁଁଛନ୍ତି ।ପୁରୀ ବନଖଣ୍ଡ ଅଧିକାରୀ । ତାଙ୍କୁ କିଛି ଜଣାନଥିଲା କି ? ତାଙ୍କ ଦସ୍ତଖତ ବିନା ବିଲ୍ ପାସ୍ ହୋଇପାରିବ କି ? ସେ ଜାଣିଥିଲେ ବି ଚୁପ୍ ରହିଲେ କାହିଁକି ? ନାଁ ତଳ ଲେବଲରୁ ଉପର ପର୍ଯ୍ୟନ୍ତ 'ଭାଗ' ସେଟ୍ ହୋଇସାରିଥିଲା ? ଆପଣ ଜବାବ ଦିଅନ୍ତୁ - ଆପଣଙ୍କ ନିଦ୍ରା ପାଇଁ କୋଟି ଟଙ୍କା ଜଳାଞ୍ଜଳି ଗଲା କି ?ସ୍ଥାନୀୟ ବାସିନ୍ଦା ଫିଲୁ ବେହେରା କହିଛନ୍ତି 'ଖବର ଛପିଲା ପରେ ରାତିରେ ଚାରା ଆସିଲା। ଏହା ସିଧା ଲୁଟ୍ କୁ ଘୋଡାଇବା ପାଇଁ ବନବିଭାଗର ନାଟକ।'ଶୋଭନୀ ବେହେରା କହିଛନ୍ତି 'ଯେଉଁମାନଙ୍କ ହାତରେ ଜଙ୍ଗଲର ଚାବି ସେମାନେ ହିଁ ଜଙ୍ଗଲ ଟଙ୍କାରେ ସମ୍ପତି ଓ ପାଣ୍ଠି ବୃଦ୍ଧି କରୁଛନ୍ତି। ଏହା ବନବିଭାଗ ହେଲା ବିନାଶ ବିଭାଗ।' ବିଜେଡି ନେତା ତଥା ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଚେତାବନୀ ଦେଇଛନ୍ତି,'ବନଖଣ୍ଡ ଅଧିକାରୀ ସବୁ ଜାଣିଲେ ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏମାନଙ୍କ ଅବହେଳା ଯୋଗୁଁ ସରକାରୀ ଟଙ୍କା ଆତ୍ମସାଥ ହେଉଛି। ଆଗାମୀ ଦିନରେ ଛୁରୀଆନା ବାସୀ ଗଛ କାଟିବାକୁ ଦେବୁ ନାହିଁ। ଆବଶ୍ୟକ ପଡିଲେ ବନବିଭାଗ କାର୍ଯ୍ୟାଳୟ ଘେରାଉ ହେବ।' ଆମର ଦାବି ଗୋଟିଏ - ତୁରନ୍ତ ଭିଜିଲାନ୍ସ ତଦନ୍ତ। ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ, ଓ ବନଖଣ୍ଡ ଅଧିକାରୀ ଙ୍କୁ ତୁରନ୍ତ ନିଲମ୍ବନ ନଚେତ ଅନ୍ୟତ୍ର ବଦଳି କରାଯାଉ। ଲୁଟ୍ ହୋଇଥିବା କୋଟି ଟଙ୍କା ଆଦାୟ ହେଉ। ସରକାର ଏବେ ବି ଶୋଇଥିଲେ ମନେ ରଖନ୍ତୁ - ଆଗାମୀ ବାତ୍ୟାରେ ଯେତେବେଳେ ଝାଉଁ ଜଙ୍ଗଲ ନଥିବାରୁ ଗାଁ ଭାସିଯିବ, ସେଦିନର ଦାୟିତ୍ୱ ଆପଣଙ୍କ ବନବିଭାଗ ନେବ। ସରକାର ଜବାବ ଦିଅ, ନଚେତ ଜନତା ରାସ୍ତାକୁ ଓହ୍ଲାଇବ।

### ଡାହୁକ



ନୀଳ ଶୃଗାଳର ଅସଲ ଚେହେରା
ଧରା ପଡେଇଲା ପରେ
ପପୁ ଆଉ ପପୁ ହୋଇକି ନାହାନ୍ତି
ହିରୋ ଜନତାଙ୍କ ଠାରେ
ନୁହେଁ ବେଶିଦିନ ଆଉ ନିର୍ବାଚନ
ଜନତାଙ୍କ ହାତେ ଗୋଳା
ଡୁପ୍ଲିକେଟ ଚୌକିଦାର ର ହାଲାତ
ଏବେଠୁ ଖରାପ ପୁରା

-ବିଧୁ

## ଖରିଫ ମାର୍କେଟିଂ ଋତୁ ପାଇଁ ଧାନ ସଂଗ୍ରହ ଓ ଚାଷୀ ପଞ୍ଜିକରଣ ନେଇ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ

ଭୁବନେଶ୍ୱର, ,୧୦।୮(ନି.ପ୍ର.); - ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ।

ବୈଠକର ମୁଖ୍ୟ ନିଷ୍ପତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଂଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ବନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି।

ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି।

ରବି ଋତୁ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି।

ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁ ମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତମାନ ଦୁଇପ୍ରକାର ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି। ଆଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଆଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତି ପତ୍ର। ଉଭୟ ପଞ୍ଜିକରଣ ପ୍ରାପ୍ତି ପତ୍ର ବୈଧ ଅଟେ। ରାଜ୍ୟର କୌଣସି ବି ଚାଷୀ ଯେପରି ଧାନ ବିକ୍ରିରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।

ମଙ୍ଗଳବାର ୧୧ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Tuesday 11 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଛାୟା ଯୁଦ୍ଧ

ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ବେଲୁଚିସ୍ତାନରେ ଏବେ ବିଦ୍ରୋହର ନିଆଁ ଜଳୁଛି। ପାକିସ୍ତାନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଁ ବେଲୁଚିସ୍ତାନବାସୀ ଦାବି କରି ଆସୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗକରି ଏହାକୁ ବହୁ ବର୍ଷ ହେବ ଚାପି ରଖିଛନ୍ତି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି।ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକୀ ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ।

# ଓଡିଶାର ସ୍ୱାଧୀନତା ସଂଗ୍ରାମ ଏବଂ ଅବିସ୍ମରଣୀୟ ଅଗଷ୍ଟ ଆନ୍ଦୋଳନର ଗାଥା

**ସୌଭାଗ୍ୟ ରଂଜନ ମହାନ୍ତି**

ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ପ୍ରଭାବଶାଳୀ ଏବଂ ନିର୍ଣ୍ଣାୟକ ଅଧ୍ୟାୟ ଅଗଷ୍ଟ ୯ କ୍ରାନ୍ତି ଦିବସ, ଯାହାକୁ ଆମେ ଭାରତ ଛାଡ ଆନ୍ଦୋଳନ ବା ଅଗଷ୍ଟ ଆନ୍ଦୋଳନ ଭାବେ ମଧ୍ୟ ଗ୍ରହଣ କରିଥାଉ ଏବଂ ଯେଉଁ ଇତିହାସ କେବଳ କେତୋଟି ତାରିଖ କିମ୍ବା ଘଟଣାର ସମାହାର ନୁହେଁ ବରଂ ଏହା ଦେଶବାସୀଙ୍କ ମନରେ ଏକ ନୂତନ ପ୍ରାଣପ୍ରତିଷ୍ଠା ଏବଂ ସ୍ୱାଧୀନତାର ଅଦମ୍ୟ ଇଚ୍ଛାଶକ୍ତିର ଜ୍ୱଳନ୍ତ ପ୍ରତିଫଳନ ଅଟେ ଯାହା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶର ଜନସାଧାରଣ ବ୍ରିଟିଶ ସାମ୍ରାଜ୍ୟବାଦର ମୂଳୋତ୍ପାଟନ ପାଇଁ ଏକତ୍ରିତ ହୋଇଥିଲେ ଏବଂ ମୁମ୍ବାଇର ଗୋୱାଲିଆ ଟାଙ୍କ ମଇଦାନ ଯାହାକୁ ଆଜି ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ କରାଯାଇଛି ସେଠାରୁ ଯେଉଁ ବିପ୍ଳବର ସୂତ୍ରପାତ ହୋଇଥିଲା ତାହା ଭାରତୀୟ ଇତିହାସର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବାରେ ସଫଳ ହୋଇଥିଲା ଏବଂ ଆଜି ଯେତେବେଳେ ଆମେ ଏହି ମହାନ ଦିବସକୁ ସ୍ମରଣ କରୁଛୁ, ସେତେବେଳେ ଆମକୁ ସେହି ସମୟର ପରିସ୍ଥିତି, ସଂଗ୍ରାମୀମାନଙ୍କର ତ୍ୟାଗ, ବଳିଦାନ ଏବଂ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ଅସାଧାରଣ ସାହସକୁ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ପଡିବ ଯାହାଦ୍ୱାରା ଆମର ଆଜିର ଏବଂ ଆଗାମୀ ଯୁବପିଢୀ ଦେଶପ୍ରେମର ପ୍ରକୃତ ଅର୍ଥ ଏବଂ ମୂଲ୍ୟ ବୁଝିପାରିବେ କାରଣ ୧୯୪୨ ମସିହାର ଅଗଷ୍ଟ ମାସରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର କଳାବାଦଲ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରିଥିଲା ଏବଂ ବ୍ରିଟିଶ ସରକାର ଭାରତୀୟମାନଙ୍କ ସହଯୋଗ ବିନା ଯୁଦ୍ଧରେ ବିଜୟୀ ହେବାକୁ ଅସମର୍ଥ ଥିଲେ, ସେହି ସମୟରେ କ୍ରିପ୍ସ ମିଶନର ବିଫଳତା ଭାରତୀୟ ଜନତାଙ୍କ ମଧ୍ୟରେ ବ୍ରିଟିଶ ଶାସନ ପ୍ରତି ରହିଥିବା ସମସ୍ତ ଭ୍ରମ ଓ ଆଶାକୁ ଧ୍ୱଂସ କରିଦେଇଥିଲା ଏବଂ ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀ ବୁଝିସାରିଥିଲେ ଯେ ବ୍ରିଟିଶମାନଙ୍କ ସହିତ ଆଉ କୌଣସି ଆପୋଷ ବୁଝାମଣା କିମ୍ବା ଦାୟୀ ଶାସନର ପ୍ରତିଶ୍ରୁତିରେ ଭାରତୀୟମାନେ ଆଉ ସନ୍ତୁଷ୍ଟ ହେବେ ନାହିଁ, ବରଂ ବ୍ରିଟିଶମାନଙ୍କୁ ଭାରତରୁ ସମ୍ପୂର୍ଣ୍ଣ ଏବଂ ତୁରନ୍ତ ବିଦାୟ ନେବାକୁ ପଡିବ ଯାହାଫଳରେ ଅଗଷ୍ଟ ୮ ତାରିଖ ଦିନ ଅଲ ଇଣ୍ଡିଆ କଂଗ୍ରେସ କମିଟିର ବମ୍ବେ ଅଧିବେଶନରେ 'ଭାରତ ଛାଡ' ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ସେହି ଐତିହାସିକ ଭାଷଣରେ ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ଏକ ଅମର ମନ୍ତ୍ର ପ୍ରଦାନ କରିଥିଲେ ଯାହାକୁ ଆମେ 'କରୋ ୟା ମରୋ' ବା 'କର ବା ମର' ବୋଲି ଜାଣୁ ଏବଂ ଏହି ମନ୍ତ୍ର କେବଳ ଏକ ସ୍ଲୋଗାନ୍ ନଥିଲା ବରଂ ଏହାଥିଲା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜଳିଉଠିଥିବା ସ୍ୱାଧୀନତାର ଏକ ଅନିର୍ବାଣ ଶିଖା ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଥରହର କରାଇଦେଇଥିଲା ଏବଂ ଯେଉଁଥିପାଇଁ ବ୍ରିଟିଶ ପ୍ରଶାସନ ଏତେ ମାତ୍ରାରେ ଭୟଭୀତ ହୋଇପଡିଥିଲା ଯେ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ କିମ୍ବା ଠିକ୍ ପରବର୍ତୀ ସକାଳେ ଅର୍ଥାତ୍ ଅଗଷ୍ଟ ୯ ତାରିଖ ସକାଳସୁଦ୍ଧା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଜାତୀୟ ନେତାମାନଙ୍କୁ ଗିରଫ କରି ଅଜ୍ଞାନ ସ୍ଥାନକୁ ପଠାଇ ଦିଆଯାଇଥିଲା କିନ୍ତୁ ସବୁଠାରୁ ବଡ କଥା ଏହା ଯେ ଶୀର୍ଷ ନେତାମାନଙ୍କୁ ବନ୍ଦୀ କରିବା ପରେ ମଧ୍ୟ ଏହି ଆନ୍ଦୋଳନ ଦବିଯାଇନଥିଲା ବରଂ ଏହା ଦେଶର କୋଣେ କୋଣର ସ୍ୱତଃସ୍ଫୂର୍ତ ଭାବେ ଜ୍ୱଳନ୍ତ ରୂପନେଇଥିଲା କାରଣ ଏହା ଏକ ଏପରି ଆନ୍ଦୋଳନ ଥିଲା ଯାହାର କୌଣସି ଜଣ କୋଟି ନିର୍ଦ୍ଦିଷ୍ଟ ନେତୃତ୍ୱ ନଥିଲା, ବରଂ ଦେଶର ସାଧାରଣ ଜନତା, ଛାତ୍ରସମାଜ, ଶ୍ରମିକ, କୃଷକ ଏବଂ ନାରୀସମାଜ ନିଜେ ନିଜେ ନିଜର ନେତା ପାଲଟିଯାଇଥିଲେ ଏବଂ ଜୟପ୍ରକାଶ ନାରାୟଣ, ଡାକ୍ତର ରାମମୋହନ ଲୋହିଆ, ଅରୁଣା ଆସଫ ଅଲି ଏବଂ ଉଷା ମେହେଟାଙ୍କ ଭଳି ଯୁବ ଓ ସାହସୀ ନେତୃବୃନ୍ଦ ଭୂତଳ କାର୍ଯ୍ୟକଳାପ ଏବଂ ଗୁପ୍ତ ରେଡିଓ ପ୍ରସାରଣ ମାଧ୍ୟମରେ ଆନ୍ଦୋଳନକୁ ଜୀବନ୍ତ ରଖିଥିଲେ ଯାହାକି ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ମଧ୍ୟ ପରାସ୍ତ କରିବାରେ ସମର୍ଥ ହୋଇଥିଲା ଏବଂ ଏହି ଅବସରରେ ଭାରତୀୟ ନାରୀମାନଙ୍କ ଅବଦାନ ଅତୁଳନୀୟ ଥିଲା। ଯେଉଁମାନେ ପତାକା ଉତୋଳନ କରିବା ସହ ପୁଲିସର ଲାଠି ଓ ଗୁଳିକୁ ଖାତିର ନକରି ସମ୍ମୁଖ ସମରାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ମାତଙ୍ଗିନୀ ହାଜରା, କନକଲତା ବରୁଆଙ୍କ ଭଳି ଅନେକ ବିରାଙ୍ଗାନା ଦେଶ ପାଇଁ ନିଜର ପ୍ରାଣବଳୀ ଦେଇ ଅମର ହୋଇଯାଇଥିଲେ ଏବଂ ଓଡିଶାର ଭୂମିକା ମଧ୍ୟ ଏହି ସଂଗ୍ରାମର ଅତ୍ୟନ୍ତ ଗୌରବଜ୍ଜ୍ୱଳ ଥିଲା ଯେଉଁଠାରେ ଇରମ ରକ୍ତକ୍ଷୟୀ ହତ୍ୟାକାଣ୍ଡ ଏବଂ କୋରାପୁଟ, ବାଲେଶ୍ୱର, ଜଗତସିଂହପୁର ଆଦି ଅଂଚଳରେ ପ୍ରଜାମଣ୍ଡଳ ଓ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶ ଶାସନର ମୂଳୋତ୍ପାଟନ ପାଇଁ ପ୍ରାଣପାଣେ ଉଦ୍ୟମ କରିଥିଲେ। ଯାହା ଫଳରେ ଇଂରେଜ ସରକାର ବୁଝିସାରିଥିଲେ ଯେ ଆଉ ଦୀର୍ଘ ଦିନ ଧରି ଭାରତକୁ ବଳପୂର୍ବକ ଶାସନ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡିବ ଏବଂ ଯଦିଓ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ବ୍ରିଟିଶ ସରକାର ଅତିକ୍ରୂର ପଦକ୍ଷେପ ଗ୍ରହଣ କରିଥିଲେ, ହଜାର ହଜାର ନିରୀହ ଲୋକଙ୍କୁ ଜେଲଖାନାରେ ନିର୍ଯ୍ୟାତନା ଦିଆଯାଇଥିଲା ଏବଂ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ, ତଥାପି ଏହି ଅଗଷ୍ଟ କ୍ରାନ୍ତି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ମାଇଲଖୁଂଟ ସାଧିତ କରିଥିଲା ଯାହାର ପରିଣାମସ୍ୱରୂପ ମାତ୍ର ପାଂଚ ବର୍ଷ ଅବଧିରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ବ୍ରିଟିଶ ଶାସନର ଶୃଙ୍ଖଳରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବିଶ୍ୱମାନଚିତ୍ରରେ ଆତ୍ମପ୍ରକାଶ କରିଥିଲା ଏବଂ ଆଜି ଯେତେବେଳେ ଆମେ ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ଜୀବନଯାପନ କରୁଛୁ, ସେତେବେଳେ ଆମର ଏହା ପବିତ୍ର କର୍ତବ୍ୟ ହେଉଛି ସେହି ମହାନ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏବଂ ସେମାନଙ୍କର ତ୍ୟାଗ ଓ ବଳିଦାନକୁ ମନେରଖି ଦେଶର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ଉତ୍ସର୍ଗ କରିବା କାରଣ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପିଢିକୁ ସଚେତନ ଏବଂ ପ୍ରସ୍ତୁତ ରହିବାକୁ ପଡିବ ଏବଂ ଆଜିର ଏହି ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଆମେ ସମସ୍ତେ ଏହି ଶପଥ ନେବାକୁ ହେବ ଯେ ଆମେ ଦେଶର ବିକାଶ, ସାମାଜିକ ଉନ୍ନତି, ଏବଂ ଗଣତନ୍ତ୍ରର ମୂଳଭିତିକ ଅଧିକ ଦୃଢ କରିବା ଦିଗରେ ନିଜର ଶ୍ରେଷ୍ଠ ଅବଦାନ ଦେବୁ ଏବଂ ସଂଗ୍ରାମୀମାନଙ୍କର ସ୍ୱପ୍ନର ଏକ ସୁନ୍ଦର, ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନ କରିବୁ ଯାହା ଦ୍ୱାରା ଆମର ଆଗାମୀ ବଂଶଧରମାନେ ଏକ ଗର୍ବିତ ଏବଂ ସମ୍ମାନଜନକ ଜୀବନ ଅତିବାହିତ କରିପାରିବେ ଏବଂ ଏହି ସମ୍ପାଦକୀୟ ଜରିଆରେ ଆମେ ଆମର ସମସ୍ତ ପାଠକମାନଙ୍କୁ ଏହାହିଁ ଆହ୍ୱାନ କରୁଛୁ ଯେ ଆସନ୍ତୁ ଆଜିର ଏହି ପବିତ୍ର ଦିନରେ ଦେଶପ୍ରେମର ସେହି ଅଗ୍ନିକୁ ପୁନର୍ବାର ପ୍ରଜ୍ୱଳିତ କରିବା ଏବଂ ଦେଶର ସେବାରେ ନିଜକୁ ନିୟୋଜିତ କରିବା। ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅବିସ୍ମରଣୀୟ କାରଣ ଏହି ଆନ୍ଦୋଳନ ଓଡିଶାର କୋଣ ଅନୁକୋଣରେ ଏକ ନୂତନ ଜାତୀୟତାବାଦୀ ଚେତନା ସୃଷ୍ଟି କରିଥିଲା ଏବଂ ଓଡିଶାରେ ଏହି ଆନ୍ଦୋଳନର ବିଶେଷତ୍ୱ ଓ ଗୁରୁତ୍ୱକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନ ଓଡିଶାର ଶିକ୍ଷିତ ଯୁବକ, ଛାତ୍ର, କୃଷକ ଏବଂ ଆଦିବାସୀଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିଲା ଯେଉଁଠାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଭଳି ଜିଲ୍ଲାରେ ଛାତ୍ରମାନେ ଶୋଭାଯାତ୍ରା, ସଭାସମିତି ଏବଂ ସରକାରୀ ଶିକ୍ଷାନୁଷ୍ଠାନ ବର୍ଜନ କରି ଏହି ଆନ୍ଦୋଳନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ ଏବଂ ଓଡିଶାର ପ୍ରମୁଖ ନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀଙ୍କ ଭଳି ବ୍ୟକ୍ତିବିଶେଷଙ୍କ ପ୍ରେରଣାରେ ଆନ୍ଦୋଳନ ଆଗେଇଥିଲା ଏବଂ ଯଦିଓ ବ୍ରିଟିଶ ସରକାର ଅନେକ ପ୍ରମୁଖ ନେତାଙ୍କୁ ଗିରଫ କରି ନେଇଥିଲେ, ତଥାପି ସାଧାରଣ ଜନତା ଏବଂ ଗ୍ରାମୀଣ ସ୍ତରର କର୍ମୀମାନେ ନିଜସ୍ୱ ଉଦ୍ୟମରେ ବିପ୍ଳବକୁ ଜାରି ରଖିଥିଲେ ଯାହାଫଳରେ ଓଡିଶାରେ ଏହି ଆନ୍ଦୋଳନର ସବୁଠାରୁ ଲୋମହର୍ଷକାରୀ ଘଟଣା ଘଟିଥିଲା। ବାଲେଶ୍ୱର ଜିଲ୍ଲାର ଇରମ ହତ୍ୟାକାଣ୍ଡ ମାଧ୍ୟମରେ ଯାହାକୁ 'ଓଡିଶାର ଜାଲିଆୱାନବାଗ' ବୋଲି କୁହାଯାଏ ଏବଂ ଯେଉଁଠାରେ ବ୍ରିଟିଶ ପୁଲିସର ନିର୍ବିଚାର ଗୁଳିଚାଳନାରେ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ ଏବଂ ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା ଏବଂ ଓଡିଆ ଜାତିର ସଂଗ୍ରାମୀ ମନୋଭାବକୁ ଦୁନିଆ ଆଗରେ ପ୍ରମାଣିତ କରିଥିଲା ଯେଉଁ ସମୟରେ ଓଡିଶାର ଆଦିବାସୀ ଅଂଚଳରେ ଲୋକମାନେ ନିଜର ପାରମ୍ପରିକ ଏକତା ମାଧ୍ୟମରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିରୋଧ କରିଥିଲେ ଏବଂ ମହିଳାମାନେ ଘରୁ ବାହାରି ପିକେଟିଂ, ପ୍ରଚାର ଏବଂ ସଂଗୁପ୍ତ ସୂଚନା, ଆଦାନପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯୁଦ୍ଧାକଳୀନ ମୂଲ୍ୟବୃଦ୍ଧି, ଅତ୍ୟାବଶ୍ୟକ ସମାଗ୍ରୀର ଅଭାବ ଏବଂ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଯୋଗୁଁ ସାଧାରଣ ଜନତା ବ୍ରିଟିଶ ଶାସନ ପ୍ରତି ଅତ୍ୟନ୍ତ କ୍ଷୁବ୍ଧ ଥିଲେ ଯାହାକି ଅଗଷ୍ଟ କ୍ରାନ୍ତି ସମୟରେ ରାଜରାସ୍ତାକୁ ଓହ୍ଲାଇ ଆସିଥିଲା ଏବଂ ମୋଟାମୋଟି ଭାବେ କହିଲେ ଓଡିଶାରେ ଅଗଷ୍ଟ କ୍ରାନ୍ତି କେବଳ ଏକ ରାଜନୈତିକ ଘଟଣା ନଥିଲା ବରଂ ଏହାଥିଲା ବ୍ରିଟିଶ ଉପନିବେଶବାଦ ବିରୋଧରେ ଓଡିଆ ଜାତିର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ସଂଗ୍ରାମ ଯାହା ଓଡିଶାର ମାନଚିତ୍ରରେ ସ୍ୱାଧୀନତାର ଏକ ଅମର ଗାଥା ରଚନା କରିଥିଲା। ଓଡିଶାର ସ୍ୱାଧୀନତା ସଂଗ୍ରାମ ଏବଂ ଜାତୀୟ ଇତିହାସରେ ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଏବଂ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା କେବଳ ବ୍ରିଟିଶ ଶାସନ ବିରୋଧର ଏକ ବିଦ୍ରୋହ ନଥିଲା ବରଂ ଏହାଥିଲା ଓଡିଆ ଜାତିର ଆତ୍ମସମ୍ମାନ, ସ୍ୱାଧୀନତା ଏବଂ ଏକତାର ଏକ ଜ୍ୱଳନ୍ତ ପ୍ରତିଫଳନ ଯାହା ଆଜିର ଆଧୁନିକ ସମାଜ ଏବଂ ଆଗାମୀ ଯୁବପିଢି ପାଇଁ ମାର୍ଗଦର୍ଶକ ସାଜିଛି ଏବଂ ଯଦି ଆମେ ଏହାର ପ୍ରାସଙ୍ଗିକତା ଓ ଅବଦାନକୁ ବିସ୍ତାରିତ ଭାବେ ବିଚାର କରିବା ତେବେ ଜାଣିବାକୁ ପାଇବ। ଏହି ଆନ୍ଦୋଳନ ଓଡିଶାରେ ଜାତୀୟତାବାଦର ଚେରକୁ ଅଧିକ ମଜଭୁତ କରିଥିଲା ଯେଉଁଠାରେ ସହରରୁ ଆରମ୍ଭ କରି ଗ୍ରାମାଂଚଳ ଓ ଦୁର୍ଗମ ଆଦିବାସୀ ଅଂଚଳ ପର୍ଯ୍ୟନ୍ତ ସମସ୍ତେ ଗାନ୍ଧୀଜୀଙ୍କ 'କର ବା ମର' ମନ୍ତ୍ରରେ ଦୀକ୍ଷିତ ହୋଇ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାମୂହିକ ପ୍ରତିରୋଧ ଗଢିତୋଳିଥିଲେ ଏବଂ ଏହାର ସବୁଠାରୁ ବଡ ଅବଦାନ ହେଉଛି ଇରମ ରକ୍ତତୀର୍ଥ ଭଳି ଘଟଣା ଯାହା ଓଡିଶାରେ ଇଂରେଜଙ୍କ ଅତ୍ୟାଚାରର ପରାକାଷ୍ଠାକୁ ପଦାରେ ପକାଇବା ସହିତ ଓଡିଆ ଜାତିର ପ୍ରାଣବଳି ଓ ତ୍ୟାଗର ମହାନ ଗାଥାକୁ ସମଗ୍ର ଦେଶ ଆଗରେ ପରିଚିତ କରାଇଥିଲା ଏବଂ ସେହିପରି ମହିଳାମାନଙ୍କ ଅଂଶଗ୍ରହଣ ଏହି ଆନ୍ଦୋଳନର ଏକ ଅନନ୍ୟ ଅବଦାନ ଥିଲା ଯେଉଁଠାରେ ରମାଦେବୀ, ମାଳତୀ ଚୌଧୁରୀ ଏବଂ ଅନ୍ୟାନ୍ୟ ନାରୀନେତ୍ରୀମାନେ ଘରୁ ବାହାରି ପିକେଟିଂ, ଶୋଭାଯାତ୍ରା ଏବଂ ସତ୍ୟାଗ୍ରହର ନେତୃତ୍ୱ ନେଇ ପ୍ରମାଣିତ କରିଥିଲେ ଯେ ସ୍ୱାଧୀନତା ସଂଗ୍ରାମରେ ନାରୀମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି ଏବଂ ଆଜିର ସମୟରେ ଏହାର ପ୍ରାସଙ୍ଗିକତା ଏହି କଥା ପାଇଁ ରହିଛି ଯେ ଯେତେବେଳେ ଦେଶ ମଧ୍ୟରେ ଗଣତନ୍ତ୍ର, ସମ୍ବିଧାନ ଏବଂ ସାମାଜିକଉନ୍ନତି କଥା ଆସେ, ସେତେବେଳେ ଆମକୁ ଏହି ସଂଗ୍ରାମୀମାନଙ୍କର ନିଃସ୍ୱାର୍ଥପର ତ୍ୟାଗକୁ ମନେରଖିବାକୁ ପଡିବ ଯାହା ଆମକୁ ଶିକ୍ଷା ଦିଏ ଯେ ସ୍ୱାଧୀନତା କେବଳ ଏକ ସହଜରେ ମିଳିଥିବା ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ ଏବଂ ଆଜିର ଏହି ଅଗଷ୍ଟ କ୍ରାନ୍ତି ଦିବସର ପୃଷ୍ଠଭୂମିରେ ଓଡିଶାର ଅବଦାନ କେବଳ ଇତିହାସର ପୃଷ୍ଠାରେ ସୀମିତ ନାହିଁ ବରଂ ଏହା ଆମର ବର୍ତମାନ ଏବଂ ଭମିଷ୍ୟତର ବିକାଶମୁଖୀ ଯାତ୍ରା ପାଇଁ ଅଫୁରନ୍ତ ପ୍ରେରଣାର ଉତ୍ସ ହୋଇ ରହିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଋତୁ ପରିବର୍ତ୍ତନ ଓ ଡିପ୍‌ଥେରିଆ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ■**

ମୌସୁମୀ ବର୍ଷା ସମୟରେ ପ୍ରାୟତଃ ଡିପଥେରିଆର ଆତଙ୍କ ଦେଖିବାକୁ ମିଳିଥାଏ। ଡିପଥେରିଆ ଏକ ଜୀବାଣୁ ଜନିତ ସଂକ୍ରାମକ ରୋଗ, ଯାହାକି କରାଇନେବ୍ୟାକ୍ଟେରିୟମ ଡିପଥେରିଆ ଜୀବାଣୁ ଦ୍ୱାରା ହୋଇଥାଏ। ଡିପଥେରିଆ ଶବ୍ଦର ଅର୍ଥ ହେଉଛି ଏକ ଚମଡ଼ା ପରଦା। ଯେଉଁ ରୋଗୀଙ୍କୁ ଏହି ରୋଗ ହୋଇଥାଏ ସେମାନଙ୍କର ଗଳା ଓ ଶ୍ୱାସନଳୀରେ ଏକ ପରଦା ବିକଶିତ ହୁଏ। ଏହା ବଢ଼ି ଆମ ଶ୍ୱାସନଳୀକୁ ଆଚ୍ଛାଦିତ କରିଦିଏ। ଫଳରେ ଶ୍ୱାସକ୍ରିୟାରେ ଅସୁବିଧା ହୁଏ ଓ ରୋଗୀର ମୃତ୍ୟୁ ଘଟେ। ଡିପଥେରିଆ ଜୀବାଣୁ ସଂକ୍ରମଣ ଦ୍ୱାରା ପ୍ରଥମେ ରୋଗୀକୁ ଜ୍ୱର ଆସିଥାଏ। ଏହାପରେ ତଣ୍ଟି ଦରଜ, ଖାଦ୍ୟ ଗିଳିବାରେ ଅସୁବିଧା, କାଶ, ଛିଙ୍କ ଆଦି ସମସ୍ୟା ଦେଖାଯାଇଥାଏ। ଏହି ସମୟରେ ରୋଗ ନିରୂପଣ କରି ଚିକିତ୍ସା ଆରମ୍ଭ କରିଦେଲେ ଏହି ଜୀବାଣୁର ବିଷାକ୍ତ ପଦାର୍ଥ ଶରୀରରେ ବ୍ୟାପିପାରେ ନାହିଁ। ଫଳରେ ଗଳାରେ ପରଦାଟି ବିକଶିତ ହୋଇପାରିବ ନାହିଁ। ଏଥିପାଇଁ ଡିପଥେରିଆ ଠିକ ସମୟରେ ଚିହ୍ନଟ ହେବା ନିହାତି ଆବଶ୍ୟକ।

ସାଧାରଣତଃ ଋତୁ ପରିବର୍ତ୍ତନ ସମୟରେ ଏହି ରୋଗ ଅଧିକ ଦେଖାଯାଏ। ଏହା ଏକ ବାୟୁବାହୀ ରୋଗ। ଡିପଥେରିଆ ରୋଗୀଙ୍କ କଶା, ଛିଙ୍କ ସେମାନଙ୍କ ବ୍ୟବହୃତ ରୁମାଲ କିମ୍ବା ସେମାନଙ୍କ ଅତି ନିକଟରେ ରହିବା ଦ୍ୱାରା ଅନ୍ୟ ମାନଙ୍କୁ ଏହି ରୋଗ ବ୍ୟାପିଥାଏ। ଶ୍ୱାସକ୍ରିୟା ଜନିତ ଡିପଥେରିଆ ପାଞ୍ଚ ବର୍ଷ ବା ତାଠାରୁ କମ ବୟସ୍କ ପିଲାମାନଙ୍କୁ ହୋଇଥାଏ। ସେହିଭଳି ବଡ଼ମାନଙ୍କ ଶରୀରରେ ଚର୍ମରୋଗ ଜନିତ ଡିପଥେରିଆ ଦେଖାଯାଇଥାଏ। ବିଶେଷକରି ପାଦରେ ଘା' ହୋଇଥିଲେ ତାହା ଯଦି ମାଟି ସଂସ୍ପର୍ଶରେ ଆସେ ତେବେ ଡିପଥେରିଆ ଜୀବାଣୁ ଘା'ରେ ରହି ଏହାକୁ ଶୁଖିବାକୁ ଦିଅନ୍ତି ନାହିଁ। କିନ୍ତୁ ବଡ଼ମାନଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିବାରୁ ଏହି ରୋଗ ସେମାନଙ୍କୁ ବିଶେଷ କ୍ଷତିଗ୍ରସ୍ତ କରିପାରେନି। କିନ୍ତୁ ଏହି ଜୀବାଣୁ ବ୍ୟାପିବାର ବଡ଼ କାରଣ ସେମାନେ ହିଁ ହୁଅନ୍ତି। ଡିପଥେରିଆ ଜୀବାଣୁ ବିଶେଷକରି ଶିଶୁଙ୍କ ଶରୀରରେ ଏକ ବିଷାକ୍ତ ପଦାର୍ଥ ଛାଡ଼ିଥାଏ। ଫଳରେ ରୋଗର ଲକ୍ଷଣ ଦେଖାଇବା ଆରମ୍ଭ ହୁଏ। ଏହି ବିଷାକ୍ତ ପଦାର୍ଥକୁ ନଷ୍ଟ କରିବାକୁ ଆଣ୍ଟି ଟକ୍ସିନ ସିରମ ଦେଇ ଚିକିତ୍ସା କରାଯାଏ। ରୋଗୀକୁ ଏହି ସିରମ ଲକ୍ଷଣ ଦେଖାଇବାର ପ୍ରଥମ ୪୮ ଘଣ୍ଟା ମଧ୍ୟରେ ଦିଆଯାଇଥାଏ। ଏହି ଚିକିତ୍ସା ଫଳରେ ରୋଗୀର ମୃତ୍ୟୁ ରୋକି ହୁଏ। ଦ୍ୱିତୀୟ ହେଉଛି, ଆଣ୍ଟିବାୟୋଟିକ୍ ଚିକିତ୍ସା। କିଛି କ୍ଷେତ୍ରରେ ଚିକିତ୍ସା ମାଧ୍ୟମରେ ଜୀବାଣୁକୁ ମାରି ଦିଆଯାଏ। ଉଭୟ ଚିକିତ୍ସା ଦ୍ୱାରା ହିଁ ଡିପଥେରିଆ ଭଲ ହୋଇଥାଏ।

ସରକାରୀସ୍ତରରେ ଡିପଥେରିଆର ଟିକାକରଣ ବ୍ୟବସ୍ଥା ରହିଛି। ୧ଜୁନ ୨୦୨୩ରୁ ନ୍ୟାସନାଲ ଇମ୍ୟୁନାଇଜେସ ସେଡ୍ୟୁଲର ନୂଆ ବ୍ୟବସ୍ଥା ଆସିଛି। ଏଥିରେ ନବଜାତ ଶିଶୁମାନଙ୍କ ୬ ସପ୍ତାହ, ୧୦ ସପ୍ତାହ ଓ ୧୪ ସପ୍ତାହରେ ୩ଥର ଡିପଥେରିଆ ଟିକାର ୩ଟି ମାତ୍ରା ଦିଆଯାଉଛି। ଏହାପରେ ଡିପଥେରିଆର ପ୍ରଥମ ବୁଷ୍ଟର ଟିକା (ଡିପିଟି) ଛୁଆଙ୍କୁ ୧୬ରୁ ୨୪ ମାସ ଭିତରେ ଦିଆଯାଇଥାଏ। ପ୍ରାୟତଃ ଦୁଇ ବର୍ଷ ଭିତରେ ଡିପଥେରିଆ ପ୍ରତିରୋଧକ ସମସ୍ତ ଟିକା ଶିଶୁମାନେ ନେଇ ସାରିଥାନ୍ତି। ଏହାପରେ ବି ଡିପିଟି ବୁଷ୍ଟର-୨ ରହିଛି ଯାହାକି ପାଞ୍ଚରୁ ଛଅ ବର୍ଷୀୟ ଶିଶୁଙ୍କୁ ଦିଆଯିବା ଆବଶ୍ୟକ। ଦଶ ବର୍ଷ ବୟସରେ ବି ଆଉ ଏକ ଟିକା ନେବା ଉଚିତ। ବଡ଼ମାନେ ମଧ୍ୟ ପ୍ରତି ଦଶ ବର୍ଷରେ ଥରେ ଡିପଥେରିଆ ପାଇଁ ଟିକା ନେବା ବିଧେୟ। କିନ୍ତୁ ସଚେତନତା ଅଭାବରୁ ଏହି କେହି ନେଉନାହାନ୍ତି।

ଶିଶୁ ମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି କମିବା ଏହାର ପ୍ରମୁଖ କାରଣ। ଅର୍ଥାତ୍ ଶିଶୁଙ୍କର ଠିକ ଭାବେ ଟିକାକରଣ ନ ହେବା ହିଁ ଏହାର ମୁଖ୍ୟ କାରଣ। ପାଞ୍ଚରୁ ଛଅ ବର୍ଷୀୟ ଶିଶୁଙ୍କୁ ଡିପିଟି ବୁଷ୍ଟର-୨ ବାଧ୍ୟତାମୂଳକ କଲେ ଏହି ସମସ୍ୟା ରହିବ ନାହିଁ। ପିଲାମାନଙ୍କ ଡିପଥେରିଆକୁ ନେଇ ସେପରି ଭୟଭୀତ ହେବାର କାରଣ କିଛି ନାହିଁ। ଏ କ୍ଷେତ୍ରରେ ଅଭିଭାବକ ନିଜେ ସଚେତନ ହେବା ସହ ପିଲାର ସର୍ବାଧିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଚିନ୍ତା କରିବା ଉଚିତ। ପିଲାକୁ ଦୂଷିତ ଖାଦ୍ୟ ବା ପାଣି ପିଇବାକୁ ଦେବା ଅନୁଚିତ। ବାହାର ଖାଦ୍ୟ ଓ ଆମିଷ ଖାଦ୍ୟ ନ ଦେବା ପୁରାପୁର ଭଲ। ଯଥା ସମ୍ଭବ ସୁଷମ ଖାଦ୍ୟ ଓ ଘରୋଇ ପ୍ରସ୍ତୁତ ଖାଦ୍ୟ ପିଲାଟିକୁ ଦିଅନ୍ତୁ। ପିଲାଟିର ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଏକ ଭଲ ରୁଟିନ ତିଆରି କରନ୍ତୁ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ହସ୍ପିଟାଲ, ବଡ଼ ମେଡ଼ିକାଲ ଓ ଶିଶୁ ଭବନରେ ଥିବା ଅଭିଜ୍ଞ ଶିଶୁ ରୋଗ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ଖବର କାଗଜ କଥା

**ରମେଶ ଚନ୍ଦ୍ର ସ୍ୱାଇଁ ■**

ବହୁଦିନ ପରେ ଯେତେବେଳେ ଅନୁଭବ କରାଗଲା ଯେ ବହୁ ସଂଖ୍ୟକ ଲୋକ ଗୋଟିଏ ଖବର ଜାଣନ୍ତୁ ସେତେବେଳେ ଖବରକାଗଜ ବାହାରିଲା। ପୃଥିବୀରେ, ଦେଶରେ, ଭିନ୍ନ ଭିନ୍ନ ରାଜ୍ୟରେ ସହର ଓ ଗାଁ ଗଣ୍ଡାରେ ଯାହାସବୁ ଘଟିଯାଉଛି ତାହା ସମସ୍ତଙ୍କୁ ଜଣାଇବା ପାଇଁ "ଖବର କାଗଜ" ଚେଷ୍ଟା କରୁଛି। ଖବର କାଗଜର ଚଳଣି ପ୍ରଥମେ ଇଉରୋପରୁ ପଞ୍ଚଦଶ ଶତାବ୍ଦୀରୁ ମୁଦ୍ରାଯନ୍ତ୍ରର ଉଦ୍‌ଭାବନ ଘଟିଥିଲେ ମଧ୍ୟ ଖବରକାଗଜର ପ୍ରଚଳ ସପ୍ତଦଶ ଶତକ ଶେଷଭାଗରୁ ହିଁ ଆରମ୍ଭ ହୋଇଛି। ତା ପୂର୍ବରୁ ଏକ ସ୍ଥାନର ଖବର ଯାତ୍ରୀ, ବଣିକ ଓ ଧର୍ମ ପ୍ରଚାରକ ମାନଙ୍କ ଦ୍ୱାରା ଅନ୍ୟ ସ୍ଥାନରେ ପ୍ରଚାରିତ ହେଉଥିଲା। ବିଶିଷ୍ଟ ଖବରର ପରିପ୍ରଚାର ନିମନ୍ତେ ଅଶ୍ୱାରୋହୀ ବା ପଦାତିକ ଦୂତ ପଠାଯାଉଥିଲା। ରୋମ ସାମ୍ରାଜ୍ୟର ଅଭ୍ୟୁଦୟ ସମୟରେ ଖବର ଚିଠି ପ୍ରଥମେ ଲିଖିତ ହୋଇ ଦାସ ମାନଙ୍କ ଦ୍ୱାରା ବହୁ ଭାବରେ ନକଲ କରାଯାଇ ସାମ୍ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା

ଖ୍ରୀ.ପୂ. ୧୬୦୯ରେ ପ୍ରଥମେ ଜର୍ମାନିରେ ଷ୍ଟମବ୍ ସହରରୁ ଗୋଟିଏ ସାପ୍ତାହିକ ପତ୍ରିକା ପ୍ରକାଶିତ ହୋଇଥିଲା। ତା'ପରେ ୧୬୧୫ରେ ବେଲଜିୟମର ଆଣ୍ଟୱାର୍ପ ସହରରୁ ମଧ୍ୟ ଆଉ ଗୋଟିଏ ସାପ୍ତାହିକ ବାହାରି ଥିଲା। ଖ୍ରୀ.ପୂ. ୧୫୯୦-୧୬୧୦ ମଧ୍ୟରେ ଲଣ୍ଡନରେ ମୁଦ୍ରିତ ପୁସ୍ତିକା ଆକାରରେ ଖବର କାଗଜ ବର୍ତ୍ତମାନ ସୁଧା ବ୍ରିଟିଶ ମ୍ୟୁଜିୟମରେ ସୁରକ୍ଷିତ ଅଛି। ଏହି ସମୟରେ ୟୁରୋପର ବହୁ ସହରରେ ଖବର କାଗଜ ସରବରାହ ଗଢ଼ିଉଠିଲା। ପ୍ରଥମେ ଏହିସବୁ ଖବର କାଗଜର ନାଁ ଥିଲା "ଖବର ବହି"। ଏହି ଖବର ବହି ସପ୍ତାହରେ ୨ ବା ୩ ଥର ବାହାରୁ ଥିଲା ଏବଂ ଏଥିରେ କୌଣସି ରାଜନୈତିକ ଖବର ପ୍ରକାଶ କରାଯାଉ ନଥିଲା। ୧୬୦୫ ମସିହାରେ ଜର୍ମାନର ଷ୍ଟେଟସ ବର୍ଗରେ ସର୍ବ ପ୍ରଥମେ ବିଶ୍ୱର ପ୍ରଥମ ସମ୍ବାଦ ପତ୍ର "ଦି ରିଲେସନ" ପ୍ରକାଶ ପାଇଥିଲା। ୧୭୮୦ ମସିହା ଜାନୁୟାରି ୨୪ ତାରିଖରେ ଭାରତର ପ୍ରଥମ ସମ୍ବାଦପତ୍ର "ବେଙ୍ଗଲ ଗେଜେଟ୍" ପ୍ରକାଶ ପାଇଥିଲା।

ଆଧୁନିକ ସମୟରେ ସର୍ବପ୍ରଥମେ ଲଣ୍ଡନ ସହରରେ ୧୬୭୨ରେ "ମର୍ଣ୍ଣିପୋଷ୍ଟ" ଆତ୍ମପ୍ରକାଶ କଲା। ଇଂଲଣ୍ଡର ସେ ସବୟର ବହୁ ଖ୍ୟାତାନାମା ବ୍ୟକ୍ତି ଏହି କାଗଜରେ ସବୁ ବିଷୟରେ ଲେଖୁଥିଲେ। ଖ୍ରୀ.ପୂ. ୧୮୬୧ରୁ ପୃଥିବୀର ଅନ୍ୟତମ ପ୍ରସିଦ୍ଧ ଦୈନିକ "ଟାଇମ୍‌ସ" ପ୍ରକାଶ ପାଇଲା। ୧୮୯୬ରେ ଇଂଲଣ୍ଡର ଆଲଫ୍ରେଡ ହାମସ୍ୱାର୍କ ପରେ ଲର୍ଡ ନର୍ଥ କ୍ଲିଫ୍ "ଡେଲିମେଲ୍" ନାମକ ଦୈନିକ ପ୍ରତିଷ୍ଠା କରି ସେଥିରେ ଛବି ସହିତ ଖବର ଏବଂ ସମ୍ପାଦକୀୟ ମତାମତ ପ୍ରକାଶ କରିବା ଆରମ୍ଭ କଲେ। ଏହି "ଡେଲିମେଲ୍" ଦୈନିକ ଖବର କାଗଜର ଗ୍ରାହକ ସଂଖ୍ୟା ସେତେବେଳେ ଥିଲା ୧୦ ଲକ୍ଷ। ଲର୍ଡ କ୍ଲିଫ୍ "ଡେଲି ମିରର୍" ନାମକ ପତ୍ରିକାର ମଧ୍ୟ ପ୍ରଥମ ପ୍ରତିଷ୍ଠାତା। ଏବେ ଇଂଲଣ୍ଡ ଓ ଆମେରିକାର କୌଣସି ଦୈନିକ ଖବର କାଗଜର ଗ୍ରାହକ ସଂଖ୍ୟା ୮୦ ଲକ୍ଷରୁ ମଧ୍ୟ ଅଧିକ। ଇଂଲଣ୍ଡ "ମାନଚେଷ୍ଟର ଗାର୍ଡିୟନ" ଏହି ଧରଣର ପ୍ରସିଦ୍ଧ ଖବରକାଗଜ।

ଓଡ଼ିଶାରେ ୧୮୬୬ ମସିହା ଅଗଷ୍ଟ ମାସରେ ପ୍ରଥମ ସମ୍ବାଦ ପତ୍ର "ଉତ୍କଳ ଦୀପିକା" ୭୦ ବର୍ଷ କାଳ ପ୍ରକାଶିତ ହୋଇ ବନ୍ଦ ହୋଇଯାଇଥିଲା। ୧୮୬୮ରେ ବାଲେଶ୍ୱରରୁ "ସମ୍ବାଦ ବାହିକା" ଫକୀରମୋହନ ସେନାପତିଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କରିଥିଲା। ସେହି ସମୟରେ "ବୋଧଦାୟିନୀ" ମଧ୍ୟ ପ୍ରକାଶିତ ହୋଇଥିଲା। ୧୮୮୯ ମସିହା ମେ ମାସରେ ସମ୍ବଲପୁରରୁ "ହିତୈଷିଣୀ" ପ୍ରକାଶ ପାଇଲା ବେଳେ ୧୮୯୧ରେ ବାରିପଦାରୁ "ଉତ୍କଳ ପ୍ରଭା" ଓ "ଇନ୍ଦ୍ରଧନୁ" ପ୍ରକାଶ ପାଇଥିଲା। ୧୯୧୩ ମସିହାରେ ବ୍ରହ୍ମପୁରରୁ "ଦୈନିକ ଆଶା" ପ୍ରକାଶ ପାଇଥିଲା ବେଳେ ଗୋପବନ୍ଧୁ ଦାଶଙ୍କ ସମ୍ବାଦପତ୍ର "ସତ୍ୟବାଦୀ" ପ୍ରକାଶଶିତ ହୋଇଥିଲା। ପରେ ୧୯୧୯ ମସିହାରେ ଏହା ସମାଜ ଓ ପ୍ରଜାତନ୍ତ୍ର ସାପ୍ତାହିକୀ ରୂପେ ପ୍ରକାଶ ପାଇଲଶ ଏବଂ ପରେ ୧୯୩୦ ମସିହା ଏପ୍ରିଲ୍ ୬ ତାରିଖରେ ଦୈନିକ ରୂପେ ପ୍ରକାଶିତ ହୋଇଆସୁଛି। ୧୯୪୭ ଅଗଷ୍ଟ ୮ ତାରିଖରେ "ପ୍ରଜାତନ୍ତ୍ର" ଦୈନିକ ସମ୍ବାଦ ପତ୍ର ରୂପେ ପ୍ରକାଶ ହେଲା। ସାଧୁ ସୁନ୍ଦର ଦାସ ନାମକ ଜଣେ ବାବାଜୀଙ୍କ ଦ୍ୱାରା ପ୍ରକାଶିତ "କୁଜି ମର ପତ୍ର" ଓଡ଼ିଆ ସମ୍ବା ପରିବେଷଣ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ସେତେବେଳେ ଅଧିକାର କରିଥିଲା। ଭୁବନେଶ୍ୱରରୁ ୧୯୮୪ ମସିହା ଅଗଷ୍ଟ ମାସ ୪ ତାରିଖରେ ପ୍ରଥମ ରଂଗୀନ ଓଡ଼ିଆ ସମ୍ବାଦପତ୍ର "ସମ୍ବାଦ" ପ୍ରକାଶ ପାଇଆସୁଛି। କଟକ ସହରରୁ ଦୈନିକ ସମ୍ବାଦପତ୍ର "ଗଣତନ୍ତ୍ର", "କଳିଙ୍ଗ", "ଜନଶକ୍ତି" "ମାତୃଭୂମି" ପ୍ରକାଶିତ ହୋଇ ବନ୍ଦ ହୋଇଯାଇଛି। ଏବେ ଗତ ଛ' ସାତ ବର୍ଷ ଧରି ଢେଙ୍କାନାଳ ଜିଲ୍ଲାରୁ "ପ୍ରଶାନ୍ତ" ନାମକ ଏକ ଦୈନିକ ସମ୍ବାଦପତ୍ର ଓଡ଼ିଶାର ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସଙ୍କ ସମ୍ପାଦନାରେ ପ୍ରକାଶିତ ହେଉଛି। ଗୋଟିଏ ଦୈନିକ ଖବର କାଗଜ ପ୍ରକାଶ କରିବା ନିମନ୍ତେ ବହୁ କର୍ମଚାରୀ ଆବଶ୍ୟକ ହୁଅନ୍ତି। ପ୍ରଥମେ ବିଭିନ୍ନ ସ୍ଥାନରୁ ଖବର ଯୋଗାଇବା ସକାଶେ ଅସଂଖ୍ୟ ବେତନ ଭୋଗି ସାମ୍ବାଦିକ ନିଯୁକ୍ତ ହୁଅନ୍ତି। ତାପରେ ସହକାରୀ ସଂପାଦକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏମାନଙ୍କ ସାଥିକି ଅକ୍ଷର ସଂଯୋଜନାକାରୀ ଓ ଚିତ୍ରକର ବା ଆର୍ଟିଷ୍ଟ୍ ତଥା ଫଟୋଗ୍ରାଫର, ମୁଦ୍ରଣାଧ୍ୟକ୍ଷ ଏବଂ ଅନ୍ୟାନ୍ୟ ବହୁ ଅଧସ୍ତନ କର୍ମଚାରୀ ଆବଶ୍ୟକ ହୁଅନ୍ତି। ଘଣ୍ଟା ମିନିଟ୍ ହିସାବ କରି ମୁଦ୍ରଣ କାର୍ଯ୍ୟ ଚାଲୁ ଓ ଶେଷ କରାଯାଏ। ସମ୍ବାଦ ଛପା ହେବା ପୂର୍ବରୁ ସମ୍ବାଦ ଲେଖା କାମ ଓ ଅନ୍ୟାନ୍ୟ କାର୍ଯ୍ୟ ଶେଷ କରିବାକୁ ଏକ "ନିର୍ଦ୍ଦିଷ୍ଟ ସମୟ" ନିର୍ଦ୍ଧାରିତ ହୋଇଥାଏ। ଏହି ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମୁଦ୍ରା ଯନ୍ତ୍ରଗୁଡ଼ିକ ଘନଗର୍ଜନ ପୂର୍ବକୁ ମୁଦ୍ରଣ ଆରମ୍ଭ କରିଦିଅନ୍ତି। ମୁଦ୍ରା ଯନ୍ତ୍ର ଗୁଡ଼ିକ କାଗଜ ଛାପିବା ସଙ୍ଗେ ସଙ୍ଗେ କାଗଜକୁ କାଟି ଓ ଅଲଗା ଅଲଗା କରି ଭାଙ୍ଗି ଥୋଇ ଦେଇ ଦେଇଥାନ୍ତି।

ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ଏଭଳି ଗୋଟିଏ ଅବସ୍ଥା ଆସିଲାଣି ଯେ ପ୍ରତ୍ୟେକ ଶିକ୍ଷିତ ଲୋକ ଚେଷ୍ଟା କରୁଛି ଅନ୍ତତଃ ଖଣ୍ଡିଏ ଖବର କାଗଜ ପଢ଼ିବା ପାଇଁ। ଏଭଳି ପଢ଼ିବାରେ ତାର ସ୍ୱାର୍ଥ ଅଛି। ଚାଷରେ କ'ଣ ଉନ୍ନତି ହେଉଛି, ବିଜ୍ଞାନ, ଚଳଚିତ୍ର କ'ଣସବୁ ନୂଆ ନୂଆ କଥା ବାହାର କରୁଛି ଇତ୍ୟାଦିତ ପୁଣି ଖବର କାଗଜରେ ନିଶ୍ଚୟ ବାହାରେ। ବେପାର ବଣିଜ, ଚାକିରି ବାକିରିର ଖବର ଜାଣିଲେ ଲୋକମାନଙ୍କର ସୁବିଧା ହୁଏ। ଯେତେବେଳେ ଦେଶରେ ନିର୍ବାଚନ ହୁଏ ବା ଲୋକ ଭୋଟ ଦିଅନ୍ତି ସେତେବେଳେ କେଉଁ ଦଳ କ୍ଷମତାକୁ ଆସିବ କ'ଣ କରିବ ବୋଲି କହୁଚି ତାହା ଭଲଭାବେ ଜାଣିବା ଦରକାର ପଡୁଛି, ଖବର କାଗଜ ତାହା ଜଣାଇ ଦେଇଥାଏ। ଯେଉଁମାନେ ଖବର ସଂଗ୍ରହ କରନ୍ତି ଓ କେଉଁଠି କଣ ଘଟୁଛି ତାକୁ ସଜାଇ ଖବର କାଗଜରେ ଛାପନ୍ତି ସେମାନଙ୍କୁ 'ସାମ୍ବାଦିକ' ବୋଲି କୁହନ୍ତି। ଜନମତକୁ ଗୋଟିଏ ଆଡ଼କୁ ନେଇଯିବା ପାଇଁ ଥରେ ଥରେ ଏମାନେ ଚମତ୍କାର କୌଶଳ ଦେଖାନ୍ତି। ଖବର ସଂଗ୍ରହ ବିଷୟରେ ଆଜିକାଲି ବିଭିନ୍ନ ସଂସ୍ଥା ପ୍ରତିଷ୍ଠିତ ହୋଇଅଛି ଯଥା ରୟଟର ଟେଲି ପ୍ରିଣ୍ଟର, କମ୍ପୁଟର, ଟେଲିଫୋନ୍ ଓ ସର୍ବ ଶେଷରେ ଟି.ଭି. ଦ୍ୱାରା ସମ୍ବାଦ ସଂଗ୍ରହ ଓ ପରିବେଷଣ ଅତି ସହଜରେ ହୋଇପାରୁଛି। ଏକ ହିସାବରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରାୟ ୬୦ ହଜାରରୁ ବେଶୀ ବିଭିନ୍ନ ଭାଷାରେ ଦୈନିକ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶିତ ହେଉଛି। ସେଥିରୁ ୨୩ ହଜାର କେବଳ ମାର୍କିନ ଯୁକ୍ତରାଷ୍ଟ୍ରରେ। ୧୩ ହଜାର ବ୍ରିଟିଶ ରାଜ୍ୟର ଗୋଷ୍ଠି। ସେଠାରେ ବଡ଼ ବଡ଼ ଦୈନିକ ସମ୍ବାଦପତ୍ରର ଗ୍ରାହକ ସଂଖ୍ୟା ୨୦ ଲକ୍ଷରୁ ୨୫ ଲକ୍ଷ। ଭାରତବର୍ଷରେ କୌଣସି ସମ୍ବାଦପତ୍ରର ଗ୍ରାହକ ସଂଖ୍ୟା ୧ ଲକ୍ଷରୁ ଅଧିକ ହୋଇନାହିଁ। ଟି.ଭି.ର ବହୁଳ ପ୍ରସାରର ଯୋଗୁ ଲୋକମାନେ ବିଭିନ୍ନ ପତ୍ର ପତ୍ରିକା ପଢ଼ିବା ଠାରୁ ଦୂରେଇ ଯାଉଛନ୍ତି ବୋଲି ସର୍ବତ୍ର ଅଭିଯୋଗ ହେଉଥିବା ବେଳେ ଭାରତରେ ଏକ ପାହାଡ଼ିଆ ରାଜ୍ୟ "ମିଜୋରାମ"ରେ ଖବର କାଗଜ ପଢ଼ା ପ୍ରତି ଲୋକଙ୍କ ଆଗ୍ରହ ଦ୍ରୁତ ଗତିରେ ବଢୁଥିବାର ପରିଲକ୍ଷିତ ହେଉଛି। ଏଠାରେ ଲୋକସଂଖ୍ୟା ମାତ୍ର ୭ ଲକ୍ଷ କିନ୍ତୁ ୪୦ରୁ ଉର୍ଦ୍ଧ୍ୱ ଦୈନିକ ସମ୍ବାଦପତ୍ର ଏବଂ ସମାନ ସଂଖ୍ୟକ ମାସିକ ପତ୍ରିକା ମଧ୍ୟ ପ୍ରକାଶ ପାଉଛି।

କେତେକ ସମ୍ବାଦପତ୍ର ଗୋଟିଏ ସରକାରର ନୀତିକୁ ପୁରାପୁରି ସମର୍ଥନ କରନ୍ତି ସେଗୁଡ଼ିକରେ ପ୍ରକାଶ ପାଉଥିବା ଲେଖା ସରକାରଙ୍କ ଉପକାରରେ ହିଁ ଯାଏ। ଆଉ କେତେକ ସମ୍ବାଦପତ୍ର ସ୍ୱାଧୀନ ମତ ପ୍ରକାଶ କରନ୍ତି ଏହାର ଅର୍ଥ ହେଲା ସରକାରଙ୍କୁ ଭଲ ଲାଗୁ ବା ନଲାଗୁ ସେମାନେ ଯାହା ଠିକ୍ ବୋଲି ମନେ କରୁଛନ୍ତି ତାହା ପ୍ରକାଶ କରନ୍ତି। ଯେଉଁମାନେ ଶିଳ୍ପପତି, କୋଟିପତି ସେମାନେ ନିଜର ସ୍ୱାର୍ଥ ରକ୍ଷା ପାଇଁ ଖବର କାଗଜ ପ୍ରକାଶ କରୁଛନ୍ତି। ଓଡ଼ିଶାରୁ ଅନେକ ଦୈନିକ, ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ର ପ୍ରକାଶ ପାଉଛି।

---୦୦---

୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର
ମୋବାଇଲ : ୯୩୩୭୩୬୨୩୮୩



# ଛାତ୍ର ଆନ୍ଦୋଳନକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବଢୁଛି ରାଜନୈତିକ ଟକ୍କର

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ସଂସଦରେ ଛାତ୍ର ଆନ୍ଦୋଳନକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବଢୁଛି ରାଜନୈତିକ ଟକ୍କର । ଛାତ୍ର ଓ ଯୁବକଙ୍କ ସହ ଜଡ଼ିତ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କେନ୍ଦ୍ରୀୟ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିବା ପରେ ବିରୋଧୀ ନୂଆ ଦାବି ରଖିଛନ୍ତି । ରିଜିଜୁଙ୍କ କହିବା ଅନୁସାରେ, ଛାତ୍ର ଆନ୍ଦୋଳନ ଏବଂ ଏହା ସହ ଜଡ଼ିତ ସମସ୍ତ ବିଷୟରେ ସରକାର ବିସ୍ତୃତ ଆଲୋଚନା କରିବାକୁ ପ୍ରସ୍ତୁତ । କିନ୍ତୁ ଆଲୋଚନା ସମୟରେ ବିରୋଧୀ ହଙ୍ଗାମା ନକରି ଗୃହମନ୍ତ୍ରୀ ଏବଂ ସରକାରଙ୍କ ପକ୍ଷରୁ ଦିଆଯିବା ଜବାବ ଶାନ୍ତିରେ ଶୁଣନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି ।ଛାତ୍ର ଓ ଯୁବକଙ୍କ ସହ ଜଡ଼ିତ ବିଭିନ୍ନ ଦାବି, ଆନ୍ଦୋଳନ ଏବଂ ସେମାନଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ସଂସଦରେ ସରକାରଙ୍କଠାରୁ ଜବାବ ଚାହୁଁଛନ୍ତି । ବିଶେଷକରି ଛାତ୍ର ଓ ଯୁବକଙ୍କ ଉପରେ ଲାଠିଚାର୍ଜ ଏବଂ ସେମାନଙ୍କ ଦାବିକୁ ନେଇ ସରକାରଙ୍କ ଆଭିମୁଖ୍ୟ କ'ଣ, ତାହା ସ୍ପଷ୍ଟ କରିବାକୁ ବିରୋଧୀ ଦାବି କରୁଛନ୍ତି । ବିରୋଧୀଙ୍କ ଦାବି ଅନୁସାରେ, ଏହି ପ୍ରସଙ୍ଗରେ ଗୃହମନ୍ତ୍ରୀଙ୍କ ବୟାନ ଆସିବା ଦରକାର । ଏହାକୁ ନେଇ ସଂସଦରେ ଆଲୋଚନା ଦାବି କରାଯାଉଥିବା ବେଳେ ସରକାର ଏବେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କହିଛି । ସରକାରଙ୍କ ଏହି ପ୍ରସ୍ତାବ



ଉପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, କେବଳ ଛାତ୍ର ପ୍ରସଙ୍ଗ ନୁହେଁ, ରାମ ମନ୍ଦିର ସହ ଜଡ଼ିତ ଚନ୍ଦା ଓ ଚଢ଼ଉ ସମ୍ପର୍କିତ ଅଭିଯୋଗ ଉପରେ ମଧ୍ୟ ସରକାର ଜବାବ ଦେବା ଦରକାର । ସଂସଦରେ ଅଖିଳେଶ ପ୍ରଶ୍ନ କରିଥିଲେ ଯେ ଏହି ପ୍ରସଙ୍ଗ ଉପରେ କେବେ ଆଲୋଚନା ହେବ ? ଅଖିଳେଶ ଯାଦବଙ୍କ ଦାବି ହେଉଛି, ଛାତ୍ର ଓ ଯୁବକଙ୍କ ପ୍ରସଙ୍ଗ ଯେତିକି ଗୁରୁତ୍ୱପୂର୍ଣ୍ଣ, ରାମ ମନ୍ଦିର ସହ ଜଡ଼ିତ ଚନ୍ଦା ଓ ଚଢ଼ାଉକୁ ନେଇ ଉଠିଥିବା ପ୍ରଶ୍ନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତାଙ୍କ କହିବା କଥା, ରାମ ମନ୍ଦିର ପ୍ରସଙ୍ଗ କୋଟି କୋଟି ଲୋକଙ୍କ ଧାର୍ମିକ ଆସ୍ଥା ସହ ଜଡ଼ିତ । ତେଣୁ ଏହି ପ୍ରସଙ୍ଗରେ ଯେଉଁ ଅଭିଯୋଗ ଉଠିଛି, ତାହା ଉପରେ ସରକାର ସ୍ପଷ୍ଟ ଜବାବ ଦେବା ଦରକାର ବୋଲି ସେ ଦାବି କରିଛନ୍ତି । ଅର୍ଥାତ୍, ବିରୋଧୀଙ୍କ ଯୁକ୍ତି ହେଉଛି—ଯଦି ସରକାର ଛାତ୍ର ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି, ତେବେ ରାମ ମନ୍ଦିର ସହ ଜଡ଼ିତ ଅଭିଯୋଗ ଉପରେ ମଧ୍ୟ ଆଲୋଚନା କରାଯାଉ ।ଅଖିଳେଶ ଆହୁରି କହିଛନ୍ତି, ଲୋକଙ୍କ ଆସ୍ଥା ସହ ଜଡ଼ିତ ପ୍ରସଙ୍ଗକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଛାତ୍ରଙ୍କ ପ୍ରସଙ୍ଗରେ ଯେପରି ସରକାରଙ୍କଠାରୁ ଜବାବ ଚାହୁଁଛି ବିରୋଧୀ, ସେହିଭଳି ରାମ ମନ୍ଦିର ସମ୍ପର୍କିତ ଅଭିଯୋଗ ଉପରେ ମଧ୍ୟ ଜବାବ ଦାବି କରୁଛି । ଗୋଟିଏ ପଟେ ସରକାର ଛାତ୍ର ଆନ୍ଦୋଳନ ସମ୍ପର୍କିତ ସମସ୍ତ ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି କହୁଛି । ଅନ୍ୟପଟେ ବିରୋଧୀ ଛାତ୍ର ପ୍ରସଙ୍ଗ ସହ ରାମ ମନ୍ଦିରର ଚନ୍ଦା ଓ ଚଢ଼ାଉ ସମ୍ପର୍କିତ ଅଭିଯୋଗକୁ ମଧ୍ୟ ଆଲୋଚନାରେ ସାମିଲ କରିବାକୁ ଦାବି କରୁଛନ୍ତି । ତେବେ ସଂସଦରେ ଏହି ଦୁଇଟି ପ୍ରସଙ୍ଗକୁ ନେଇ ଆଲୋଚନା ହେବ କି ? ନା ପୁଣି ଏକ ରାଜନୈତିକ ମୋଡ ଦେଖିବାକୁ ମିଳିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ତାତାରସ୍ତାନରେ ୟୁକ୍ରେନର ଡ୍ରୋନ୍ ହମଲା, ୧୯ ମୃତ ଓ ୩୯ରୁ ଅଧିକ ଆହତ !

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ନେଉନି । ବରଂ ଦିନକୁ ଦିନ ଦୁଇ ଦେଶ ମଧ୍ୟରେ ଲଢେଇ ଆହୁରି ଭୟଙ୍କର ହେଉଛି । ରୁଷର ତାତାରସ୍ତାନ ଅଞ୍ଚଳରେ ୟୁକ୍ରେନର ଭୟଙ୍କର ଡ୍ରୋନ୍ ଆକ୍ରମଣକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି । ନିଜନେକାମସ୍କ ସହରରେ ହୋଇଥିବା ଏହି ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ଓ ୩୯ରୁ ଅଧିକ ଲୋକ ଆହତ ହୋଇଥିବା ଖବର ଆସିଛି । ସ୍ଥାନୀୟ ପ୍ରଶାସନ ଏହାକୁ ଗତ ଦୁଇ ବର୍ଷ ମଧ୍ୟରେ ତାତାରସ୍ତାନ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି କହିଛି । ଆକ୍ରମଣ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ନିଜନେକାମସ୍କ ରୁଷର ଏକ ପ୍ରମୁଖ ଶିଳ୍ପ ସହର । ଏଠାରେ ତେଲ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ ଶିଳ୍ପ ସହ ଅନେକ ବଡ଼ ଶିଳ୍ପ ପ୍ରତିଷ୍ଠାନ ରହିଛି । ଆକ୍ରମଣ ପରେ ସୋସିଆଲ ମିଡିଆରେ ଅନେକ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ଜୋରଦାର ବିସ୍ଫୋରଣ ହେଉଥିବା ଦେଖିବାକୁ ମିଳୁଛି । ତେବେ କେଉଁ ଶିଳ୍ପ ପ୍ରତିଷ୍ଠାନ କିମ୍ବା ଠିକଣା ଏହି ଆକ୍ରମଣରେ ସିଧାସଳଖ ପ୍ରଭାବିତ ହୋଇଛି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ ।ଡ୍ରୋନ୍ ଆକ୍ରମଣ ମଧ୍ୟରେ ରୁଷ ନିଜର ଯୁଦ୍ଧ ନୀତି ନେଇ ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ କରିଛି । ୟୁକ୍ରେନ ସହ ଚାଲିଥିବା ସଂଘର୍ଷକୁ କିଛି ସମୟ ପାଇଁ ରୋକିବା କିମ୍ବା 'ଫ୍ରିଜ୍' କରିବା ପ୍ରସ୍ତାବକୁ ରୁଷ ଖାରଜ କରିଛି । ରୁଷର ଉପ ବୈଦେଶିକ ମନ୍ତ୍ରୀ ମିଖାଇଲ୍ ଗାଲୁଜିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣ ଦୂର ନକରି କେବଳ ଅସ୍ଥାୟୀ ଯୁଦ୍ଧବିରତି କରିବାର କୌଣସି ଅର୍ଥ ନାହିଁ । ରୁଷ ଏକ ସ୍ଥାୟୀ ସମାଧାନ ଚାହୁଁଛି ବୋଲି ସେ ଦାବି କରିଛନ୍ତି ।ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କୁ ମଧ୍ୟ ଟାର୍ଗେଟ୍ କରିଛି ରୁଷ । ଗାଲୁଜିନଙ୍କ ଅଭିଯୋଗ ଅନୁସାରେ, ଜେଲେନସ୍କି ବାସ୍ତବତାଠାରୁ ଦୂରେଇ ଯାଇଛନ୍ତି ଏବଂ ସଂଘର୍ଷକୁ ଆହୁରି ତୀବ୍ର କରିବାକୁ ଚାହୁଁଛନ୍ତି । ରୁଷ ପକ୍ଷରୁ ୟୁକ୍ରେନ ଉପରେ ନାଗରିକ ଓ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରିବାର ଅଭିଯୋଗ ମଧ୍ୟ ଅଣାଯାଇଛି । ସେପଟେ କ୍ୟାସ୍ପିଆନ୍ ପାଇପଲାଇନ୍ କନସୋର୍ଟିୟମ୍ ବା ସିପିସି ସହ ଜଡ଼ିତ ସୁବିଧା ଉପରେ ହୋଇଥିବା କଥିତ ଡ୍ରୋନ୍ ଆକ୍ରମଣକୁ ନେଇ ମଧ୍ୟ ରୁଷ ଅସନ୍ତୋଷ ପ୍ରକାଶ କରିଛି । ରୁଷ କହିଛି, ସିପିସି କାଜାଖସ୍ତାନର ଅର୍ଥନୀତି ପାଇଁ ଅତ୍ୟନ୍ତ ଜରୁରୀ । ଏହାର କାର୍ଯ୍ୟକଳାପ ଉପରେ ଆକ୍ରମଣ ହେଲେ ଏହାର ପ୍ରଭାବ କେବଳ ରୁଷ କିମ୍ବା ୟୁକ୍ରେନ ମଧ୍ୟରେ ସୀମିତ ରହିବ ନାହିଁ, ବରଂ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିପାରେ ବୋଲି ମସ୍କ ଦାବି କରିଛି । ରୁଷ କହୁଛି, କେବଳ ଅସ୍ଥାୟୀ ଯୁଦ୍ଧବିରତି ନୁହେଁ, ବରଂ ସଂଘର୍ଷର ମୂଳ କାରଣର ସମାଧାନ ହିଁ ସ୍ଥାୟୀ ଶାନ୍ତିର ରାସ୍ତା । ଅନ୍ୟପଟେ ୟୁକ୍ରେନ ରୁଷର ଭିତର ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସଂଘର୍ଷ ଆହୁରି ଜଟିଳ ହେଉଛି ।

# ସାଉଦି ଆରବରେ ଭୟଙ୍କର ଅଗ୍ନିକାଣ୍ଡ ସୋଫା କାରଖାନାରେ ୧୬ ବାଂଲାଦେଶୀ ଶ୍ରମିକ ମୃତ

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ, ୧୬ ଜଣ ଶ୍ରମିକଙ୍କ ମୃତ୍ୟୁ । ସାଉଦି ଆରବ ରିୟାଦର ମୁସା ସନେୟା ଅଞ୍ଚଳରେ ଏକ ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୬ ଜଣ ପ୍ରବାସୀ ବାଂଲାଦେଶୀ ଶ୍ରମିକ ପ୍ରାଣ ହରାଇଛନ୍ତି । ବାଂଲାଦେଶର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ଏବଂ ସମବେଦନା ବ୍ୟକ୍ତ କରିଛି। ରିପୋର୍ଟ ଅନୁଯାୟୀ, ରିୟାଦର ଖୋରଦ୍ଦମ ଅଞ୍ଚଳରେ ଥିବା ସୋଫା କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା। କେହି କିଛି ବୁଝିବା ପୂର୍ବରୁ ନିଆଁ ସମଗ୍ର କାରଖାନାକୁ ଗ୍ରାସ କରିଦେଇଥିଲା । ଖବର ପାଇବା ମାତ୍ରେ ରିୟାଦରେ ଥିବା ବାଂଲାଦେଶୀ ଦୂତାବାସର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ପୀଡିତମାନଙ୍କୁ ଚିହ୍ନଟ କରିବା ସହ ମୃତଦେହଗୁଡ଼ିକୁ ସ୍ୱଦେଶ ଫେରାଇବା ପାଇଁ ଆବଶ୍ୟକ ଔପଚାରିକତା ପୂରଣ କରିବା ପାଇଁ ସାଉଦି କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ସ୍ଥାପନ କରୁଛନ୍ତି । ଦୂତାବାସ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ସଂଗ୍ରହ ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି ।

# ହର୍ମୁଜରେ ଆମେରିକାର 'ଘେରାବନ୍ଦୀ'

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):**ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ହର୍ମୁଜ ପ୍ରଣାଳୀ ରଣକ୍ଷେତ୍ର ପାଲଟିଛି। ଏମିତିରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗରେ ପୁଣି ଆମେରିକା ନିଜର ସାମରିକ ଶକ୍ତି ପ୍ରଦର୍ଶନ କରି ୨୦ରୁ ଅଧିକ ଯୁଦ୍ଧପୋତ ମୁତୟନ କରିଛି। ଫଳରେ ସମଗ୍ର ମଧ୍ୟପ୍ରାଚ୍ୟରେ ଏବେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛି। ସେଣ୍ଟକମ୍ କହିଛି, ଇରାନ ବିରୋଧରେ ଘେରାବନ୍ଦୀକୁ ଅଧିକ କଡ଼ାକଡ଼ି କରିବା ପାଇଁ ୱାଶିଂଟନ ଏହି ବଡ଼ ପଦକ୍ଷେପ ନେଇଛି। ଏହି ମୂତୟନରେ ଆମେରିକୀୟ ନୌସେନାର ଶକ୍ତିଶାଳୀ ବିଧ୍ୱଂସକାରୀ ଯୁଦ୍ଧପୋତ



'ୟୁଏସଏସ ରସ୍' ମଧ୍ୟ ସାମିଲ ଅଛି। ଏହି ଯୁଦ୍ଧପୋତଗୁଡ଼ିକ ଇରାନ ଉପରେ ଚାପ ପକାଇବା ସହ ହର୍ମୁଜରେ ତୀକ୍ଷ୍ଣ ନଜର ରଖିଛନ୍ତି ।ଆମେରିକାର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟ ଯୋଗୁ ସମୁଦ୍ର ମଧ୍ୟରେ ବ୍ୟାପକ ହଲଚଲ ଦେଖାଦେଇଛି। ସେଣ୍ଟ୍ରାଲ କମାଣ୍ଡର ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୫୫ଟି ବାଣିଜ୍ୟିକ ଜାହାଜକୁ ସୁରକ୍ଷା ଦୃଷ୍ଟିରୁ ଅନ୍ୟ ଦିଗରେ ଡାଇଭର୍ଟ କରାଯାଇଛି। ଦୁଇଟି ଜାହାଜକୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଦୁଇଟି ଜାହାଜକୁ ସେନା ନିଜ ନିୟନ୍ତ୍ରଣକୁ ନେଇଛି ।ଅନ୍ୟପଟେ ଇରାନ ମଧ୍ୟ ଆମେରିକା ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନାହିଁ। ଜଳପଥକୁ ପୁନଃପ୍ରବେଶ ପାଇଁ ଇରାନ କେତେକ କଡ଼ା ସର୍ତ୍ତ ରଖିଛି। ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ମହମ୍ମଦ ବାକର ଜୋଲକାଦର କହିଛନ୍ତି ଯେ, ଆମେରିକାକୁ ପ୍ରଥମେ ନିଜର ପ୍ରତିବନ୍ଧକ ହଟାଇବାକୁ ହେବ। ଜବତ ହୋଇଥିବା ଆର୍ଥିକ ସମ୍ପତ୍ତିକୁ ମୁକ୍ତ କରିବାକୁ ହେବ ଏବଂ ସାମରିକ ଧମକ ବନ୍ଦ କରିବାକୁ ପଡ଼ିବ।

# ଝାଡଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ନେଇ ପୁଲିସ-ଛାତ୍ର ମୁହାଁମୁହିଁ

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ଝାଡଖଣ୍ଡରେ ପୁଲିସ-ଛାତ୍ର ମୁହାଁମୁହିଁ। ଜେପିଏସସି ଏବଂ ଜେଏସସି ପରୀକ୍ଷାରେ ଅନିମୟମିତାର ପ୍ରତିବାଦ କରି ଆନ୍ଦୋଳନରତ ଛାତ୍ରମାନେ ତ୍ରିରଙ୍ଗା ଧରି ବିଧାନସଭା ଅଭିମୁଖେ ଯାତ୍ରା କରିବା ବାଳେ ପୁଲିସ ସହ ମୁହାଁମହିଁ ହେଇଛନ୍ତି । ପୁଲିସ ଛାତ୍ରଙ୍କ ଉପରେ ୱାଟର କ୍ୟାନନ ପ୍ରୟୋଗ କରିଛି। ୯ ଦିନ ଧରି ଅନଶନରେ ଥିବା ଦେବେନ୍ଦ୍ରନାଥ ଆନ୍ଦୋଳନରେ ଯୋଗଦେବା ପାଇଁ ଏକ ଆମ୍ବୁଲାନ୍ସରେ ପହଞ୍ଚିଛନ୍ତି । ପୁଲିସ ଅନେକ ସ୍ଥାନରେ ବ୍ୟାରିକେଡ୍ ନିର୍ମାଣ କରିଥିବା ବେଳେ ଆନ୍ଦୋଳନରତ ଛାତ୍ରମାନେ ବ୍ୟାରିକେଡ୍ ଟପି ବିଧାନସଭା ଅଭିମୁଖେ ଯିବା ପାଇଁ ଚେଷ୍ଟା କରୁଛନ୍ତି। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ତ୍ରିରଙ୍ଗା ଏବଂ ପ୍ଲାକାର୍ଡ ଧରି ପ୍ରଦର୍ଶନକାରୀ ଛାତ୍ରମାନେ ସେମାନଙ୍କ ଦାବି ପୂରଣ ପାଇଁ ଦାବି କରୁଛନ୍ତି। ପୁଲିସ ୧୬୩ ଧାରାରେ ନିଷେଧାଦେଶ ଲାଗୁ କରିବା ସହିତ ପ୍ରାୟ ୪ କିଲୋମିଟର ଲମ୍ବା ସମଗ୍ର ରାସ୍ତା ଉପରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି । ବରିଷ୍ଠ ଅଧିକାରୀମାନେ କଡ଼ା ନଜର ରଖିଛନ୍ତି । ଜେପିଏସସି-ଏସଏସସି ପରୀକ୍ଷାରେ ହେରଫେର ବିରୋଧରେ ପ୍ରତିବାଦ କରିବା ପାଇଁ ହଜାର ହଜାର ଛାତ୍ର ଝାଡ଼ଖଣ୍ଡର ରାଞ୍ଚିରେ ବିଧାନସଭା ଘେରାଉ କରିବାକୁ ଯାଉଛନ୍ତି । ଛାତ୍ରମାନେ ବିଧାନସଭାକୁ ଯାଉଥିବା ରାସ୍ତାରେ ପହଞ୍ଚିଛନ୍ତି ଏବଂ କଣ୍ଟା ତାର ବ୍ୟାରିକେଡ୍ ଡେଇଁ ଚଢୁଛନ୍ତି। ଛାତ୍ରମାନେ ସକାଳ ୭ଟାରୁ ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମ ନିକଟରୁ ବାହାରିଥିଲେ ।ଛାତ୍ରମାନେ ଦାବି କରୁଛନ୍ତି ଯେ ସରକାର ସେମାନଙ୍କ ଦାବି ବିଚାର କରି ଅନିୟମିତତା ବରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସେପଟେ ଛାତ୍ରମାନେ ଶାନ୍ତି ଭଙ୍ଗ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଯେକୌଣସି ହିଂସାତ୍ମକ ପ୍ରତିବାଦ ସେମାନଙ୍କ ପାଇଁ ଘାତକ ହୋଇପାରେ ବୋଲି ପ୍ରଶାସନ ସତର୍କବାଣୀ ଶୁଣାଇଛି ।

# ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ତାମିଲ ରାଜ୍ୟ ସଙ୍ଗୀତ ପରେ ଗାନ କରାଯିବ ବନ୍ଦେ ମାତରମ୍

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ତାମିଲନାଡୁ ବିଧାନସଭା ରାଜ୍ୟ ଗୀତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ) ଏବଂ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ (ଏଆଇଏଡିଏମକେ), କଂଗ୍ରେସ ଦଳ ସହିତ, ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏହି ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟର ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଜଥୁ' ବଜାଇବା ପାଇଁ ଆନୁଷ୍ଠାନିକ ଭାବରେ ବାଧ୍ୟତାମୂଳକ କରାଯାଇଛି। ଏହା ପରେ ବନ୍ଦେ ମାତରମ୍ ଗାନ କରାଯିବ ବୋଲି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ।ପ୍ରସ୍ତାବ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ତାମିଲ ଥାଇ ଭାଜଥୁକୁ ସର୍ବୋଚ୍ଚ ପ୍ରାଥମିକତା ମିଳିବା ଉଚିତ୍।



ତାମିଲ ଅର୍ଥ ଗର୍ବ, ତାମିଲ ଅର୍ଥ ଶକ୍ତି। ତାମିଲ କହିବା ମାତ୍ରେ ସମଗ୍ର ତାମିଲନାଡୁ ଏକ ହୋଇଯାଏ। ତେଣୁ ତାମିଲ ଥାଇ ଭାଜଥୁକୁ ତାମିଲନାଡୁରେ ପ୍ରଥମ ସ୍ଥାନ ମିଳିବା ଉଚିତ୍। ତାମିଲ ଥାଇ ଭାଜଥୁକୁ ପ୍ରଥମ ସ୍ଥାନ ଦେବା ଆମ ରାଜ୍ୟର ଅଧିକାର। ଏକ ଭାବପ୍ରବଣ ଭାଷଣରେ ବିଜୟ କହିଥିଲେ, ତାମିଲ କେବଳ ଏକ ଭାଷା ନୁହେଁ, ବରଂ ଆମର ଜୀବନ ଏବଂ ଆତ୍ମା । ମାତୃଭାଷା ମଣିଷର ମାଆ ପରି ପବିତ୍ର। ସେ ବିଧାନସଭାର ସଦସ୍ୟମାନଙ୍କୁ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ସେ କହିଥିଲେ ଯେ ତାମିଲଗା ଭେଟ୍ରି କାଝାଗମ(ଟିଭିକେ) ରାଜ୍ୟ ସଙ୍ଗୀତର ସମ୍ମାନ ରକ୍ଷା ପ୍ରସଙ୍ଗରେ କୌଣସି ପ୍ରକାର ସାଲିସ କରିବ ନାହିଁ। ସମସ୍ତ ସଦସ୍ୟ ଦଳୀୟ ମତଭେଦକୁ ଭୁଲି ଏହି ପ୍ରସ୍ତାବକୁ ଏକତ୍ର ସମର୍ଥନ କରିବା ଉଚିତ୍ ।ପ୍ରସ୍ତାବରେ କୁହାଯାଇଛି ଯେ ତାମିଲ ହେଉଛି ବିଶ୍ୱର ସବୁଠାରୁ ପୁରୁଣା ଶାସ୍ତ୍ରୀୟ ଭାଷା ମଧ୍ୟରୁ ଗୋଟିଏ। ତାମିଲ ସଭ୍ୟତା ହେଉଛି ବିଶ୍ୱର ସବୁଠାରୁ ପୁରୁଣା ସାଂସ୍କୃତିକ ପରମ୍ପରା ମଧ୍ୟରୁ ଗୋଟିଏ। ଏଥିରେ ଉଲ୍ଲେଖ ଅଛି ଯେ 'ତାମିଲ ଥାଇ ଭାଜଥୁ' ୧୮୯୧ ମସିହାରେ ମନୋନମନୀୟମ ସୁନ୍ଦରାନରଙ୍କ ଦ୍ୱାରା ଲିଖିତ ନାଟକ ୨ମାନନମନୀୟମ'ରେ ମାତା ତାମିଲଙ୍କ ସ୍ତୁତି ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।ସରକାରୀ କାର୍ଯ୍ୟକ୍ରମରେ ଏହାକୁ ଗାଇବାର ବ୍ୟବସ୍ଥା ପ୍ରଥମେ ୨୩ ନଭେମ୍ବର ୧୯୭୦ରେ ଜାରି ହୋଇଥିବା ଏକ ସରକାରୀ ଆଦେଶ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିଲା ।ପ୍ରସ୍ତାବରେ ଆହୁରି କୁହାଯାଇଛି ଯେ 'ତାମିଲ ଥାଇ ଭାଜଥୁ'କୁ ୧୨ ଡିସେମ୍ବର ୨୦୨୧ ରୁ ଆନୁଷ୍ଠାନିକ ଭାବରେ ରାଜ୍ୟ ଗୀତର ମାନ୍ୟତା ଦିଆଯାଇଥିଲା ।ଏହା ପରେ, ତାମିଲନାଡୁର ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ସାର୍ବଜନୀନ କ୍ଷେତ୍ରର ଉପକ୍ରମ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମ ପୂର୍ବରୁ ଏହାକୁ ଗାନ କରିବା ବାଧ୍ୟତାମୂଳକ କରି ଏକ ନିର୍ଦ୍ଦେଶ ଜାରି କରାଯାଇଛି ।କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସମ୍ପ୍ରତିକ ପରାମର୍ଶର ପୃଷ୍ଠଭୂମିରେ ଏହି ପଦକ୍ଷେପ ନିଆଯାଇଛି, ଯେଉଁଥିରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜାନୁଆରି ୨୮ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କଡାକଡି ଭାବରେ ପାଳନ କରିବାକୁ କୁହାଯାଇଥିଲା। ଯେଉଁଥିରେ ସରକାରୀ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ପୂର୍ବରୁ ଜାତୀୟ ଗୀତ ବନ୍ଦେ ମାତରମ୍ ବଜାଇବା ବାଧ୍ୟତାମୂଳକ ଥିଲା।

# ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ଟିଏମସି ସାଂସଦ ଏବଂ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମିଳିଛି। ସୋମବାର ସୁପ୍ରିମକୋର୍ଟ ତାଙ୍କୁ ତିନି ସପ୍ତାହ ପାଇଁ ବିଦେଶ ଯିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ଅଗଷ୍ଟ ୫ ତାରିଖରେ କୋଲକାତା ହାଇକୋର୍ଟ ତାଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଏସଏସକେଏମ ହସ୍ପିଟାଲର ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଖିର ରୋଗର ଚିକିତ୍ସା କୋଲକାତାରେ ହୋଇପାରିବ କି ବିଦେଶ ଯାତ୍ରା କରିବା ଆବଶ୍ୟକ ତାହା ଜଣାପଡିବ ।ଅଭିଷେକ ବାନାର୍ଜୀ ହାଇକୋର୍ଟଙ୍କର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଅଭିଷେକ ବାନାର୍ଜୀଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ତାଙ୍କୁ ଅନୁମତି ଦେଇଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କର ବିଦେଶ ଯାତ୍ରା ସେପ୍ଟେମ୍ବରରେ ହେବାର କାର୍ଯ୍ୟକ୍ରମ ରହିଛି।

# ଆସାମରେ ବନ୍ୟାର କରାଳ ରୂପୟ; ୧୦୦ ଟପିଲା ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):**ଆସାମରେ ବନ୍ୟାର କରାଳ ରୂପ, ୧୦୦ରୁ ଅଧିକ ମୃତ । ଉତ୍ତର ପ୍ରଦେଶ ଓ ବିହାରରେ ମଧ୍ୟ ବର୍ଷା ନେଇ ପାଣିପାଗ ବିଭାଗର ସତର୍କତା ଜାରି । ଦେଶର ବିଭିନ୍ନ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବର୍ଷାର ଭୟାବହତା ଜାରି ରହିଛି । ବିଶେଷକରି ଆସାମରେ ବନ୍ୟା ପରିସ୍ଥିତି ଅତି ମର୍ମନ୍ତୁଦ ହୋଇପଡ଼ିଥିବା ବେଳେ ଉତ୍ତର ପ୍ରଦେଶ, ବିହାର, କେରଳ, ଗୁଜରାଟ ଏବଂ ରାଜଧାନୀ ଦିଲ୍ଲୀରେ ମଧ୍ୟ ପାଗ ରହିଛି ଅତ୍ୟନ୍ତ ଖରାପ । ଆସାମରେ ଲଗାତାର ବର୍ଷା ଓ ବନ୍ୟା ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୦୦ ଟପିଥିବା କୁହାଯାଉଛି ।



ସରକାରୀ ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ ୬୦ ଜଣ ପୁରୁଷ, ୨୩ ଜଣ ମହିଳା ଏବଂ ୧୮ ଜଣ ଶିଶୁ ଅଛନ୍ତି। କଚାରରେ ୨୨, ଶିବସାଗରରେ ୪୯, କରିମଗଞ୍ଜରେ ୯ ଏବଂ ଗୋଲାଘାଟରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଧେମାଜି, ନାଗାଁଓ, ଉଦାଲଗୁଡ଼ି, ସୋନିତପୁର ଏବଂ କାର୍ବି ଆଙ୍ଗଲୋଂଗ୍ ଜିଲ୍ଲାରେ ମଧ୍ୟ ବନ୍ୟା ବ୍ୟାପକ କ୍ଷତି ଘଟାଇଛି । ହାଥିନୀକୁଣ୍ଡ ବ୍ୟାରେଜରୁ ପାଣି ଛଡ଼ାଯିବା ପରେ ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ଆଶଙ୍କା ସୃଷ୍ଟି କରିଥିଲା । ତେବେ ବର୍ତ୍ତମାନ ଜଳସ୍ତର କିଛି ମାତ୍ରାରେ ଖସିବାରେ ଲାଗିଛି ଏବଂ ଜଳସେଚନ ବିଭାଗ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ରାଜଧାନୀ ଦିଲ୍ଲୀରେ ପ୍ରବଳ ଝଡ଼ବର୍ଷା ନେଇ ଚେତାବନୀ ଜାରି କରାଯାଇଛି । ବର୍ଷା ସମୟରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ ।

## ଇରାନରେ ସୁରକ୍ଷାରେ ପରିବର୍ତ୍ତନ

# ମୋହସେନ ରେଜାଇ ହେଲେ ଜାତୀୟ ସୁରକ୍ଷା ପରିଷଦର ନୂଆ ସଚିବ

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):** ଇରାନ ନିଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ କରିଛି । ଦୀର୍ଘ ଦିନ ଧରି ରିଭଲ୍ୟୁସନାରୀ ଗାର୍ଡ ର କମାଣ୍ଡର ଥିବା ମୋହସେନ ରେଜାଇଙ୍କୁ ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ନୂଆ ସଚିବ ଭାବରେ ନିଯୁକ୍ତ କରାଯାଇଛି। ସେ ମହମ୍ମଦ ବାଘର ଜୋଲଗାଦରଙ୍କ ସ୍ଥାନ ନେଇଛନ୍ତି । କେବଳ ସେତିକି ନୁହେଁ, ରେଜାଇଙ୍କୁ ପରିଷଦରେ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ପ୍ରତିନିଧି ଭାବରେ ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଅନ୍ୟପଟେ ପୂର୍ବତନ ସଚିବ ଜୋଲଗାଦରଙ୍କୁ ସର୍ବୋଚ୍ଚ ନେତାଙ୍କ ରାଜନୈତିକ ପରାମର୍ଶଦାତା ଭାବେ ନୂଆ ନିଯୁକ୍ତି ମିଳିଛି । ଇରାନ ଏପରି ଏକ ସମୟରେ ଏହି ପରିବର୍ତ୍ତନ କରିଛି, ଯେତେବେଳେ ଆମେରିକା ସହ ଉତ୍ତେଜନା, ଅସ୍ତ୍ରବିରତି ଏବଂ ହର୍ମୁଜ ପ୍ରଣାଳୀ ପୁଣି ଖୋଲିବା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଛି ।୭୧ ବର୍ଷୀୟ ରେଜାଇ ଇରାନର ଜଣେ ଅତ୍ୟନ୍ତ ଅଭିଜ୍ଞ ସାମରିକ ନେତା। ସେ ୧୯୮୧ରୁ ୧୯୯୭ ପର୍ଯ୍ୟନ୍ତ ପ୍ରାୟ



୧୬ ବର୍ଷ ଧରି ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଛନ୍ତି, ଯାହା ମଧ୍ୟରେ ଇରାନ-ଇରାକ ଯୁଦ୍ଧର ସମୟ ମଧ୍ୟ ସାମିଲ ଥିଲା । ସେ ଗତ ଚାରି ଦଶନ୍ଧି ଧରି ଦେଶର ସାମରିକ ଓ ରାଜନୈତିକ ବ୍ୟବସ୍ଥାରେ ପ୍ରଭାବଶାଳୀ ରହିବା ସହ ଅନେକ ଥର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଲଢ଼ିଛନ୍ତି । ତାଙ୍କର ଏହି ନୂତନ ନିଯୁକ୍ତି ସୂଚାଉଛି ଯେ, ଇରାନ ଏବେ ଯୁଦ୍ଧ ଓ ସୁରକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତିରେ ଅଭିଜ୍ଞ ସାମରିକ ନେତୃତ୍ୱକୁ ଅଧିକ ପ୍ରାଧାନ୍ୟ ଦେବାକୁ ଚାହୁଛି ।ଏହି ପରିବର୍ତ୍ତନ ପଛରେ ଇରାନର ଆଭ୍ୟନ୍ତରୀଣ ରାଜନୀତିର ଏକ ବଡ଼ ଭୂମିକା ଥିବା କୁହାଯାଉଛି। ବର୍ତ୍ତମାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଆଲୋଚନା ମାଧ୍ୟମରେ ଆମେରିକା ସହ ଉତ୍ତ ?ଜନା କମାଇବାକୁ ଚେଷ୍ଟା କରୁଥିବା ବେଳେ, କଠୋରପନ୍ଥୀ ଗୋଷ୍ଠୀ ଏହାକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ରେଜାଇଙ୍କ ଭଳି ଜଣେ ଶକ୍ତିଶାଳୀ ସାମରିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଏହି ପଦବୀରେ ବସାଇ ଇରାନ ଏକ ସ୍ପଷ୍ଟ ସଂକେତ ଦେଇଛି ଯେ, ଶାନ୍ତି ଆଲୋଚନା ଜାରି ରହିଥିଲେ ମଧ୍ୟ ଦେଶ ନିଜର ସାମରିକ ସ୍ଥିତିକୁ କୌଣସି ପରିସ୍ଥିତିରେ ଦୁର୍ବଳ କରିବାକୁ ଚାହୁନାହିଁ । ଏହା ସହିତ ସୁରକ୍ଷା ମାମଲାରେ ସର୍ବୋଚ୍ଚ ନେତାଙ୍କ ସିଧାସଳଖ ନିୟନ୍ତ୍ରଣକୁ ମଧ୍ୟ ଏହି ନିଯୁକ୍ତି ଆହୁରି ସୁଦୃଢ଼ କରିବ ।

# ଚୀନ୍ ପାଇଁ ଗୁପ୍ତଚର କରୁଥିଲା ବ୍ରିଟିଶ ଡ୍ରୋନ୍ !

## ନାଟୋ ସୁରକ୍ଷାକୁ ନେଇ ବଡ଼ ଚିନ୍ତା

**ନୂଆଦିଲ୍ଲୀ,୧୦।୮(ଏଜେନ୍ସି):**ବ୍ରିଟେନ୍‌ର ସମ୍ବେଦନଶୀଳ ସାମରିକ ବ୍ୟବସ୍ଥାରେ ଚୀନ୍ ଲିଙ୍କ୍‌କୁ ନେଇ ଉଠିଛି ସଙ୍ଗିନ ଅଭିଯୋଗ । ଶତ୍ରୁ ଦେଶ ଉପରେ ନଜର ରଖିବା ପାଇଁ ବ୍ୟବହୃତ ବ୍ରିଟିଶ ନିରୀକ୍ଷଣ ଡ୍ରୋନ୍‌ର କ୍ୟାମେରାରୁ ଚୀନ୍‌ର ଏକ ଆଇପି ଠିକଣାକୁ ନିୟମିତ ସିଗନାଲ୍ ଯାଉଥିବା ନେଇ ରିପୋର୍ଟ ସାମ୍ନାକୁ ଆସିଛି । ଏହି ଘଟଣାକୁ ନେଇ ବ୍ରିଟେନ୍ ସମେତ ନାଟୋର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ।ରିପୋର୍ଟ ଅନୁଯାୟୀ, ବ୍ରିଟିଶ ରୟାଲ୍ ନେଭି ଓ ସ୍ୱତନ୍ତ୍ର ବାହିନୀରେ ବ୍ୟବହୃତ କେ-୩ ସ୍କାଉଟ୍ ଡ୍ରୋନ୍‌ର କ୍ୟାମେରା ସିଷ୍ଟମ୍‌ରୁ ଚୀନ୍‌ର ଏକ ଆଇପି ଠିକଣାକୁ ସିଗନାଲ୍ ପଠାଯାଉଥିବା ଜଣାପଡ଼ିଛି । ଏହି ସିଗନାଲ୍ ସିଷ୍ଟମ୍ ଚାଲୁ ରହିଛି ଏବଂ ଠିକ୍ ଭାବେ କାମ କରୁଛି ବୋଲି ଦର୍ଶାଇବା ପାଇଁ ଯାଉଥିବା କୁହାଯାଉଛି ।ତେବେ ବ୍ରିଟିଶ ସରକାର ପକ୍ଷରୁ କୌଣସି ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇଥିବାର ପ୍ରମାଣ ମିଳିନଥିବା କୁହାଯାଇଛି । ଏହା ସତ୍ତ୍ୱେ ଡ୍ରୋନ୍‌ରେ ଚୀନ୍ ଉପାଦାନ ଓ ଚୀନ୍ ସହ ସମ୍ଭାବ୍ୟ ଡାଟା କନେକ୍ସନ୍‌କୁ ନେଇ ସୁରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ପ୍ରାୟ ୧୨ ମିଲିୟନ୍ ପାଉଣ୍ଡ ଖର୍ଚ୍ଚରେ ବିକଶିତ ଏହି ସିଷ୍ଟମ୍‌କୁ ଚଳିତବର୍ଷ ମାର୍ଚ୍ଚରୁ ବ୍ୟବହାର କରାଯାଉଥିବା ରିପୋର୍ଟରେ କୁହାଯାଇଛି । ଆହୁରି ଚିନ୍ତାଜନକ ଦାବି ହେଉଛି,ଡ୍ରୋନ୍ ବନ୍ଦ ହେବା ପରେ ମଧ୍ୟ ଏହାର କ୍ୟାମେରା ସିଷ୍ଟମ୍ ସକ୍ରିୟ ରହିପାରୁଥିବା ଆଶଙ୍କା ରହିଛି । ଏହା ଫଳରେ ସମ୍ବେଦନଶୀଳ ସାମରିକ ଅଞ୍ଚଳ ଉପରେ ଅନଧିକୃତ ନଜରଦାରୀର ଆଶଙ୍କା ପ୍ରକାଶ ପାଇଛି ।ବିଶେଷ କରି ସ୍ପେଶାଲ୍ ବୋଟ୍ ସର୍ଭିସ୍‌ର ମୁଖ୍ୟାଳୟ ନିକଟରେ ଏହି ଡ୍ରୋନ୍ ସିଷ୍ଟମ୍‌ର ବ୍ୟବହାରକୁ ନେଇ ଚିନ୍ତା ବଢ଼ିଛି । ଏଠାରେ ନାଟୋ ସହ ଜଡ଼ିତ ଅନେକ ସମ୍ବେଦନଶୀଳ ଓ ଗୋପନୀୟ ବୈଠକ ଅନୁଷ୍ଠିତ ହୋଇଥାଏ ବୋଲି କୁହାଯାଉଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ପଶ୍ଚିମ ଦେଶଗୁଡ଼ିକର ସାମରିକ ଯୋଗାଣ ଶୃଙ୍ଖଳାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ରିପୋର୍ଟ ଅନୁଯାୟୀ, ଡ୍ରୋନରେ ବ୍ୟବହୃତ କ୍ୟାମେରାଗୁଡ଼ିକ ଏକ ତୃତୀୟ ପକ୍ଷ ଯୋଗାଣକାରୀଙ୍କ ମାଧ୍ୟମରେ ଆସିଥିଲା । ଯୋଗାଣକାରୀଙ୍କୁ 'ଏନ୍‌ଡିଏଏ-ଅନୁପାଳକ' ବୋଲି ଦର୍ଶାଯାଇଥିଲେ ମଧ୍ୟ ପରେ ଏଥିରେ ଚୀନ୍‌ର ଉପାଦାନ ଥିବା ନେଇ ତଥ୍ୟ ସାମ୍ନାକୁ ଆସିଥିବା ଦାବି କରାଯାଇଛି ।ଏହି କେ-୩ ସ୍କାଉଟ୍ ସିଷ୍ଟମ୍ କେବଳ ବ୍ରିଟେନ୍‌ରେ ନୁହେଁ, ଆମେରିକାର ସ୍ପେଶାଲ୍ ଅପରେସନ୍ସ କମାଣ୍ଡ ଓ ନାଟୋ ଅଭ୍ୟାସରେ ମଧ୍ୟ ବ୍ୟବହୃତ ହୋଇଥିବା ରିପୋର୍ଟ ରହିଛି । ତେଣୁ ଏହି ମାମଲା କେବଳ ବ୍ରିଟେନ୍‌ର ସୁରକ୍ଷା ସହ ଜଡ଼ିତ ନୁହେଁ, ବରଂ ପଶ୍ଚିମ ଦେଶଗୁଡ଼ିକର ସାମରିକ ଯୋଗାଣ ଶୃଙ୍ଖଳା ଓ ସାଇବର ସୁରକ୍ଷାକୁ ନେଇ ମଧ୍ୟ ବଡ଼ ଚିନ୍ତା ସୃଷ୍ଟି କରିଛି। ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ଉପରେ ନଜର ରଖିବା ପାଇଁ ଏହି ଡ୍ରୋନ୍‌ଗୁଡ଼ିକୁ ମୁତୟନ କରିବାର ଯୋଜନା ଥିବା ରିପୋର୍ଟ ମଧ୍ୟ ରହିଛି। ହର୍ମୁଜ୍ ପ୍ରଣାଳୀ ବିଶ୍ୱର ତୈଳ ଯୋଗାଣ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ । ତେଣୁ ଏହି ଅଞ୍ଚଳରେ ବ୍ୟବହାର ହେବାକୁ ଥିବା ନିରୀକ୍ଷଣ ସିଷ୍ଟମ୍‌ର ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ଆହୁରି ଗୁରୁତ୍ୱ ବହନ କରୁଛି ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଆରଙ୍ଗ ମହାନଦୀ - ଟିଟିଲାଗଡ ସେକ୍ସନ ନିରୀକ୍ଷଣ

ଭୁବନେଶ୍ୱର, ୧୦।୮: ପୂର୍ବତଟ ରେଳପଥ ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ ଆଜି ଆରଙ୍ଗ ମହାନଦୀ - ଟିଟିଲାଗଡ ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା।

ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଆରଙ୍ଗ ମହାନଦୀ, ମହାସମୁନ୍ଦ, ଖରିଆର ରୋଡ୍, ନୂଆପଡ଼ା ରୋଡ୍, ହରିଶଙ୍କର ରୋଡ୍, କଣ୍ଟାବାଞ୍ଜି ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କ ?ପ୍ ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି ।



ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି । ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଲାଙ୍ଗୀର ଜିଲ୍ଲା ସିଭିଲ ସୋସାଇଟିର ସାଧାରଣ ବୈଠକ

ବଲାଙ୍ଗୀର, ସ୍ଥାନୀୟ ଜେ ଏସ ଏମ କଲେଜ ର ସମ୍ମେଳନି କକ୍ଷ ଠାରେ ବଲାଙ୍ଗୀର ଜିଲ୍ଲା ସିଭିଲ ସୋସାଇଟି ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ର ବୁଦ୍ଧି ଜୀବି ମାନଙ୍କୁ ନେଇ ସଂଗଠନ କୁ ମଜଭୁତ କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରଶାସନ ଓ ସରକାର ଙ୍କ ଉପରେ ଚାପ ପ୍ରୟୋଗ କରିବା ପ୍ରସ୍ତାବ ଗ୍ରହଣ କରାଯାଇଛି କ୍ଷ ଆବାହକ ଇଂ ବେଲାରସିଂ ଭୋଇ ଙ୍କ ସଭାପତିତ୍ୱ ରେ ସଂଯୋଜକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠ କରି ଗୃହ ରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ବରିଷ୍ଠ ସଭ୍ୟ ମନୋରଞ୍ଜନ ମିଶ୍ର ସୋସାଇଟି ର ନୂଆ ନିୟମ ଅନୁସାରେ ସମ୍ବିଧାନ ପ୍ରସ୍ତୁତି କରିବା ଉପରେ ଧାରଣା ଦେଇଥିଲେ। ଅନ୍ୟାନ୍ୟ ମାନଙ୍କ ମଧ୍ୟରୁ ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଗୋବିନ୍ଦ ମିଶ୍ର, ବିମଳ ଚୋପଦାର, ପ୍ରସନ୍ନ ମିଶ୍ରା ଆଲୋଚନା ରେ ଅଂଶ ଗ୍ରହଣ କରିଥବାବେଳେ ରବିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବୋଦୟ ଆଚିଭର ମିଟ ୨୦୨୬

# ନିଟ୍ ଓ ଜେଇଇରେ ସଫଳତାପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୧୦।୮: କମ ସମୟରେ କି ସ୍ୱଳ୍ପ ପରିଶ୍ରମ ରେ ସଫଳତା ପାଇ ହେବନାହିଁ। ଛାତ୍ର ଛାତ୍ରୀମାନେ ନିଜର ଲକ୍ଷ୍ୟ ପଥରେ ଆଗକୁ ବଢ଼ିବାପାଇଁ ନିରନ୍ତର ଉଦ୍ୟମ ଜାରିରଖିଲେ ହିଁ ସଫଳତା ମିଳିଥାଏ ।ଯୁବୋଦୟ ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ନିଜର ସ୍ୱତନ୍ତ୍ରତା ପାଇଁ, ଶିକ୍ଷାଦାନ ଶୈଳୀ, ସର୍ବୋଚ୍ଚ ପରୀକ୍ଷା ଫଳ ପାଇଁ ପରିଚିତ। ଏହି ସଫଳତା ର ଶ୍ରେୟ ଶିକ୍ଷାନୁଷ୍ଠାନର ଲଗାତାର ଉଦ୍ୟମ ବୋଲି କହିଛନ୍ତି ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଚକ୍ଷୁ ବିଭାଗ ର ବିଭାଗୀୟ ମୁଖ୍ୟ ଡାକ୍ତର ସଚଳା ଭୋଇ। ଯୁବୋଦୟ ମହାବିଦ୍ୟାଳୟ ସକମା ର କନଫରେନ୍ସ ହଲ ରେ ଆୟୋଜିତ ଯୁବୋଦୟ ଆଚିଭର ମିଟ ୨୦୨୬ରେ ଘରରଞ୍ଜ ଓ ଔରର ରେ ସଫଳତା ପ୍ରାପ୍ତ ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ସେ ଏହି କଥା କହିଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଯୁବୋଦୟ ର ନିର୍ଦ୍ଦେଶକ ଶ୍ରୀ ଅମ୍ବରିଶ ଦାଶ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ରେ କୌଣସି ସାଲିସ କରାଯାଉନଥିବାରୁ ହଜାର ହଜାର ବାପା ମା ଙ୍କ ଆଶା ଓ ବିଶ୍ୱାସର ଶିକ୍ଷାନୁଷ୍ଠାନ ହୋଇପାରିଥିବା ଯୁବୋଦୟ ପ୍ରତ୍ୟେକ ବର୍ଷ ସଫଳତା ର ନୂଆଁ କୀର୍ତ୍ତିମାନ ସ୍ଥାପନ କରି ଆଗକୁ ବଢୁଛି। ମେଡିକାଲ, ଇଞ୍ଜିନିଅରିଙ୍ଗ, ଆଇ ଆଇ ଟି, ଏନଆଇ ଟି ରେ ଫ୍ରେଶର ପିଲା ସଫଳତା ପାଇବା ଆମର ସ୍ୱତନ୍ତ୍ରତା। ମାତ୍ର ଏଥିପାଇଁ ଆମେ ଗୁଣାତ୍ମକ ଶିକ୍ଷା ଦାନରେ କୌଣସି ସାଲିସ କରିନାହୁଁ ବୋଲି ମତ ଦେଇଥିଲେ ।ଏହି ଅବସରରେ ଘରରଞ୍ଜ ପରୀକ୍ଷାରେ ପଶ୍ଚିମ ଓଡିଶାର ଟପ୍ପର ୬୫୮ ମାର୍କ ଓ ଇଓଜ ୯୫୬ ବିଶ୍ୱଜିତ ସାହୁ,ଆଶୀର୍ବାଦ ତ୍ରିପାଠୀ ୬୫୩ ମାର୍କ,ଓମପ୍ରକାଶ ପ୍ରଧାନ ୬୪୪ ମାର୍କ,ବିଭୁଦତ୍ତ ଗଡ଼ତ୍ୟା ୬୩୭ ମାର୍କ, ରିତେଶ ରିସନ ସାହୁ ୬୨୯ ମାର୍କ, ଜ୍ୟୋତିପ୍ରକାଶ ଭୋଇ ୬୨୭ ମାର୍କ, ରେଶମା ପଣ୍ଡା ୬୨୦ ମାର୍କ, ଶୁଭଶ୍ରୀ ବିଶ୍ୱାଳ ୬୧୨ ମାର୍କ, ଅନନ୍ୟା ପଧାନ ୬୧୦ ମାର୍କ, ବୈଭବ ଦାସ ୬୦୭ ମାର୍କ ଓ ଔରର ପଶ୍ଚିମ ଓଡିଶା ଟପ୍ପର ରଖିଥିବା କୌଶିକ କୁମାର ସାହୁ,୯୯. ୯୩ ପରସେଣ୍ଟାଇଲ ଶ୍ଳୋକ ସୌରଭ ସାହୁ ୯୯. ୩୨ ପରସେଣ୍ଟାଇଲ, ଜିଜ୍ଞାସୁ କୁମାର ସାହୁ ୯୮. ୮୩ ପରସେଣ୍ଟାଇଲ, ଧରମେଶ ଦର୍ଶନ ସେଠ ୯୮. ୬୪ ପରସେଣ୍ଟାଇଲ, ଅଭିନବ ବରର୍ତ୍ତୀ ୯୭. ୭୮ ପରସେଣ୍ଟାଇଲ, ପ୍ରିୟଦର୍ଶିନୀ ପ୍ରଧାନ ୯୭. ୬୬ ପରସେଣ୍ଟାଇଲ, ଅନିଶ କୁମାର ପାଣିଗ୍ରାହୀ ୯୪. ୪୫, ପ୍ରେମଆନନ୍ଦ ମେହେର ୯୬. ୪୦ ପରସେଣ୍ଟାଇଲ, ଦେବ ଆଚାର୍ଯ୍ୟ ୯୬ଟ୩୨ଙ୍କ ସମେତ ଉଚ୍ଚାଙ୍ଗ ସଫଳତା ପ୍ରାପ୍ତ ଶତାଧିକ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଓ ଅଧ୍ୟାପକ ରଜତ କୁମାର ପାଣିଗ୍ରାହୀ ସମ୍ବର୍ଦ୍ଧନା ସମାରୋହ କୁ ସଂଯୋଜନା କରିଥିଲେ।




# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥ?ିବାବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



## ଜିଲ୍ଲା ସ୍ତରୀୟ ଜାତୀୟ କୃମି ଦିବସ ପାଳିତ

ଅନୁଗୋଳ୧୦।୮: : ସ୍ଥାନୀୟ ହୁଲୁରୁସିଂହା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟଜାତୀୟ କୃମି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇ କୃମି ରୋଗର କାରଣ ଓଏହାର ନିରାକରଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେହିଭଳି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେଇଜନସାଧାରଣ ସଚେତନ ହେଲେ କୃମି ରୋଗର ନିଦାନ ସମ୍ଭବ ବୋଲି କହିଥିଲେ । ଏହିଅବସରରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଶ୍ରୀମତୀ ସରିତା ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. କୃଷ୍ଣ ଚନ୍ଦ୍ର ପାଲ, ଡି ପି ଏମ୍ ସୌମ୍ୟାରାଣୀଗୌଡ, ହୁଲୁରୁସିଂହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ କୀର୍ତ୍ତନ ସାହୁଙ୍କ ସମେତ ଶିକ୍ଷକ,ଶିକ୍ଷୟତ୍ରୀ, କର୍ମଚାରୀ ତଥା ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ପୁଷ୍ପଲତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।



# ମୁହାଁଣରେ ଭାସି ଯାଉଥିବା ଯୁବକଙ୍କୁ ଉଦ୍ଧାର କଲା ମେରାଇନ ପୋଲିସ

ପାରାଦୀପ ୧୦।୮: ଗୋଟେ ପଟେ ବନ୍ୟା ଜଳ ସମୁଦ୍ରରେ ପ୍ରବେଶ ଅନ୍ୟପଟେ ସମୁଦ୍ରର ପ୍ରଖର ସ୍ରୋତ , ଅକାତ କାତ ପାଣି ଭିତରେ ଜୀବନ ମୃତ୍ୟୁ ର ଯୁଦ୍ଧ ରେ ବାଜି ମାରିଲେ ଯୁବକ । ଯୁଦ୍ଧ କାଳୀନ ଭିତ୍ତିରେ ଦୁଃସାହସିକ ପଦକ୍ଷେପ ନେଇ ମେରାଇନ ପୋଲିସ କର୍ମଚାରୀ ଯୋଉଭଳି ଭାବେ ଉଦ୍ଧାର କଲେ ତାହା ଅବର୍ଣ୍ଣନୀୟ । ତେବେ ଉଦ୍ଧାର ହୋଇଥିବା ଯୁବକ ଜଣକ ମାନସିକ ଭିନ୍ନକ୍ଷମ ଥିବା ଜଣାପଡିବା ପରେ ପାରାଦୀପ ମେରାଇନ ପୋଲିସ ର ଯୋଗାଯୋଗ ଫଳରେ ପାରାଦୀପ ଓ ଜଗତସିଂହପୁର ଜିଲ୍ଲା ର ଜଣାଶୁଣା ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଉଦ୍ଧାର ମାନସିକ ଭିନ୍ନକ୍ଷମ ଯୁବକ ଙ୍କୁ ସେବା ଓ ସୁରକ୍ଷା ପ୍ରଦାନ କରିଥିବା ନେଇ ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଆଜି ଏହିଭଳି ଏକ ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି ପାରାଦୀପ ନେହେରୁବଙ୍ଗଳା ମହାନଦୀ ଓ ବଙ୍ଗୋପସାଗର ମିଳନ ସ୍ଥଳୀ ରେ ଜଣେ ଯୁବକ ମହାନଦୀ ରୁ ଭାସି ଭାସି ସମୁଦ୍ର କୁ ଯାଉଥିବା ଦେଖି କିଛି ସ୍ଥାନୀୟ ଲୋକେ ମେରାଇନ ପୋଲିସ କୁ ଖବର ଦେଇଥିଲେ ।ଖବର ପାଇବା ପରେ ତତକ୍ଷଣାତ ମେରାଇନ ଥାନାଅଧିକାରୀ ସରୋଜ କାନ୍ତ ସାମଲ ଙ୍କ ନେତୃତ୍ୱରେ ମେରାଇନ ପୋଲିସ ର ଦୁଇଟି ବୋଟ ଦୀର୍ଘ ସମୟ ଧରି ଅକ୍ଳାନ୍ତ ପରିଶ୍ରମ ପରେ ଯୁବକ ଜଣକୁ ଉଦ୍ଧାର କରି ତୁରନ୍ତ ଅଠରବାଙ୍କୀ ମେଡିକାଲରେ ଚିକିତ୍ସା କରିଥିଲେ । ଯୁବକ ର ଅବସ୍ଥା ସ୍ଥିର ଥିବା ବେଳେ ଉକ୍ତ ଯୁବକ ଜଣକ କିଛି କହିପାରୁନଥିବା କାରଣରୁ ତାର ପରିଚୟ ମିଳିପାରିନାହିଁ ।ସମୁଦ୍ର ଓ ମହାନଦୀ ର ମିଳନସ୍ଥଳ ରେ ପ୍ରଖର ଲହଡି ରେ ଅଙ୍କ ମେରାଇନ ପୋଲିସ ଯୋଉ ଭଳି ଦୁଃସାହସିକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି ନେହେରୁବଙ୍ଗା ବାସିନ୍ଦା କ୍ଷ ଯଦି ତାଙ୍କର କେହି ସମ୍ପର୍କୀୟ ଯୁବକ କୁ ଜାଣିଥିବା ନେଇ ସଠିକ ପରିଚୟ ଦେବେ ତା ହେଲେ ମେରାଇନ ପୋଲିସ ଉକ୍ତ ଯୁବକ ଙ୍କୁ ତାଙ୍କ ପରିବାର କୁ ସ୍ଥାନାନ୍ତର କରିବେ ବୋଲି କହିଛନ୍ତି ମେରାଇନ ଥାନା ଅଧିକାରୀ । ଯେଉଁଭଳି ପରିସ୍ଥିତି ରେ ଉକ୍ତ ଯୁବକ ସଂଘର୍ଷ କରୁଥିଲା ସେ ଅବସ୍ଥାରେ ଉଦ୍ଧାର କରିବା କଷ୍ଟକର ହୋଇଥିବା ବେଳେ ମେରାଇନ ପୋଲିସ ର କାର୍ଯ୍ୟ ଦକ୍ଷତା କୁ ପ୍ରଶଂସା କରିଛନ୍ତି ଓମ୍ପା ର ସଭାପତି ଶ୍ରୀକାନ୍ତ ପରିଡା।



## ଟାଟା ଷ୍ଟିଲ୍ ଏସ୍‌ଜିବି କମ୍ପାନୀର ମୃତ କର୍ମଚାରୀଙ୍କୁ ସହଯୋଗ

ଅନୁଗୋଳ୧୦।୮: : ଗତ ୬ ଅଗଷ୍ଟ ଦିନ ଟାଟା ଷ୍ଟିଲର SGB କମ୍ପାନୀରେ କାର୍ଯ୍ୟରତ ବଅଁରପାଳ ବ୍ଲକ ନୂଆହତା ଗ୍ରାମର ସୁଶାନ୍ତ ସାମଲଙ୍କ ON Duty ଥିବା ସମୟରେ ହଠାତ୍ ଅସୁସ୍ଥ ହେବା ପରେ କଟକ ବଡ଼ ମେଡିକାଲକୁ ଉଚ୍ଚ ଚିକିତ୍ସା ପାଇଁ ସ୍ଥାନାନ୍ତର ହୋଇଥିଲେ। ଅଗଷ୍ଟ ୭ ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଏବଂ ନିଯୁକ୍ତି ଦାବିରେ ଟାଟା ଷ୍ଟିଲ ଗେଟ୍ ସମ୍ମୁଖରେ ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଏବଂ



ଗ୍ରାମବାସୀ ଧାରଣାରେ ବସିଥିଲେ। ଏହି ଗଣଧାରଣାରେ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଅରୁଣୋଭ ସିଂହ ସାମିଲ ହେବା ସହିତ ଘଟଣାରେ ହସ୍ତକ୍ଷେପ କରିବା ଫଳରେ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ସହିତ ଏକ ତ୍ରିପକ୍ଷୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥି ସହିତ କ୍ଷତିପୂରଣ ବାବଦକୁ ୧୭ ଲକ୍ଷ ଟଙ୍କା ଏବଂ ଶ୍ରୀ ସୁଶାନ୍ତ ସାମଲଙ୍କ ସ୍ତ୍ରୀ ଶ୍ରୀମତୀ ସୁରେଖା ସାମଲଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ନିଃସର୍ତ୍ତ ନିଯୁକ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ଟାଟା ଷ୍ଟିଲର ଉଚ୍ଚ ସ୍ତରୀୟ କର୍ମକର୍ତ୍ତା, SGB କମ୍ପାନୀର ଉଚ୍ଚ ସ୍ତରୀୟ କର୍ମକର୍ତ୍ତା, ନୂଆହତା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରୁନୁବାଳା ଧର, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ – ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ପଞ୍ଚାୟତ ସମିତି ସଭାଗୃହ, ତାଳଚେର ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥ?ିମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୧୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୩ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶିପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜିବ ଲୋଚନ ପଣ୍ଡା, ତାଳଚେର ଉପଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନସାହୁ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଶ୍ରୀଆଲଫା ଜେନା,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀମଧୁସ୍ମିତା ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥ, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ୍,ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନିଷଏକ୍କାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



## ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ନୂତନ ପଦାଧିକାରୀଙ୍କ ନାମ ଘୋଷଣା

ବ୍ରହ୍ମପୁର,୧୦।୮: ଆଜି ଗଞ୍ଜାମ ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚା ଅବଶିଷ୍ଟ ପଦାକାରୀ ଓ କାର୍ଯ୍ୟକାରିଣୀଙ୍କ ନାମ ଘୋଷଣା କରାଯାଇଛି। ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସରୋଜ ସାବତ ଏବଂ ରାଜ୍ୟ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅଭିଳାଷ ପଣ୍ଡାଙ୍କ ଅନୁମୋଦନ କ୍ରମେ ପ୍ରକାଶିତ ହୋଇଥିବା ପତ୍ରଅନୁସାରେ ଜିଲ୍ଲା ସାଧାରଣ ସମ୍ପାଦକ ରୁପେ ବ୍ରହ୍ମପୁରର କୃଷ୍ଣ ଚନ୍ଦ୍ର ପୋଲାଇ, ଜିଲ୍ଲା ସମ୍ପାଦକ କାର୍ଯ୍ୟାଳୟ ରୂପେ ସୁମନ କୁମାର ରାଉଳ ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଉଭୟ ତୋଫାନ ସେଠୀ ଓ ସି ବିକ୍ରମଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ପ୍ରକାଶିତ ହୋଇଛି। ତେବେ ଅନ୍ୟ ମାନଙ୍କ ମଧ୍ୟରେ ନିଜର ଛାତ୍ରଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହିତ ଜଡ଼ିତ ହୋଇ ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ତଥା ଛାତ୍ରନେତା ଭାବେ ସେ ନିଜର ସଂଗଠନାତ୍ମକ ଯାତ୍ରା ଆରମ୍ଭ କରିଥିବା ସହ ଭାଟକୁମରଡ଼ା କଲେଜରୁ ନିଜର ଯୁକ୍ତଦୁଇ ଶିକ୍ଷା ସମାପ୍ତ କରିବା ପରେ, କ୍ଷେତ୍ର ମୋହନ ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ତିନିଶିକ୍ଷା ସମାପ୍ତ କରିଥିବା କୃଷ୍ଣଚନ୍ଦ୍ର ପୋଲାଇଙ୍କୁ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦାୟିତ୍ୱ ଅର୍ପଣ କରାଯାଇଥିବା ନେଇ ଦଳୀୟ ଯୁବ ଛାତ୍ର ନେତା ମାନଙ୍କ ଗହଣରେ ଖୁସିର ଲହରୀ ଖେଳିଯାଇଛି।

# 'ଘରେ ଘରେ ତ୍ରିରଙ୍ଗା' ୨୦୨୬ ସମ୍ବନ୍ଧିତ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ଜଗତସିଂହପୁର,୧୦।୮: ଆସନ୍ତା ସ୍ୱାଧୀନତା ଦିବସ ତଥା ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷପୂର୍ତ୍ତି ଅବସରରେ ଜିଲ୍ଲାବ୍ୟାପୀ ୯ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ "ଘରେ ଘରେ ତ୍ରିରଙ୍ଗା-୨୦୨୬" ଅଭିଯାନ ବ୍ୟାପକ ଭାବେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଏକ ସାମ୍ବାଦିକ ସମ୍ମିଳନୀ ଆଗତ କରିଥିଲେ। ହର ଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ର ରୂପରେଖ ସମ୍ପର୍କରେ ଜିଲ୍ଲାପାଳ ଅବଗତ କରାଇଥିଲେ ।ଏହି ଅବସର ରେ ସମସ୍ତ ସରକାରୀ କୋଠା, ସେତୁ, ଚିକିତ୍ସାଳୟ , ବିଦ୍ୟାଳୟ, ବଜାର, ବସ୍ ଟର୍ମିନାଲ, ରେଳ ଷ୍ଟେସନ୍ ଏବଂ ପ୍ରମୁଖ ଛକଗୁଡ଼ିକୁ ତ୍ରିରଙ୍ଗା ଆଲୋକମାଳାରେ ସୁସଜ୍ଜିତ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତାବୋଧ ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ପତାକାର ବିକାଶ ଯାତ୍ରା ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ସମ୍ବଳିତ ତ୍ରିରଙ୍ଗା ଓ ବନ୍ଦେ ମାତରଂ ପ୍ରଦର୍ଶନୀ ଅୟୋଜନ କାରାଯିବ । ସବୁ ସ୍କୁଲ ଓ କଲେଜରେ 'ବନ୍ଦେ ମାତରମ୍' ଓ ଜାତୀୟ ସଙ୍ଗୀତ ଗାନ କରାଯିବ।

ସମସ୍ତ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ମାନେ ୧ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଗଛଏକ୍ସଙ୍ଗ ପୋର୍ଟାଲ୍ ରେ ଆୟୋଜିତ ଅନଲାଇନ୍ କୁଇଜ୍ ?ରେ ଅଂଶଗ୍ରହଣ କରି ପ୍ରମାଣପତ୍ର ଲାଭ କରିବେ।ଯୁବପିଢ଼ିଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ୧୧ ଅଗଷ୍ଟ ସକାଳ ୮ ଟା ରେ ଜିଲ୍ଲା ସଦର ମହକୁମାରେ ଏକ 'ମେଗା ତ୍ରିରଙ୍ଗା ରାଲି' ଅନୁଷ୍ଠିତ ହେବ, ଯେଉଁଥିରେ ଛାତ୍ରଛାତ୍ରୀ, ଏନ.ସି.ସି (ଘଉଉ) କ୍ୟାଡେଟ୍, ଏନ.ଏସ.ଏସ (ଘଝଝ) ଯୁବବର୍ଗ ,ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀ ତଥା ସାଧାରଣ ନାଗରିକ ଅଂଶଗ୍ରହଣ କରିବେ। ଏହି ରାଲିରେ ବିପୁଳ ସଂଖ୍ୟକ ନାଗରିକ ସାଇକେଲ, ମୋଟର ସାଇକେଲ ଓ ପଦଯାତ୍ରା ରେ ସଗର୍ବ? ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ଆସିବେ। ସ୍ଥାନିୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରୁ ବାହାରି ଏହି ରାଲି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଦେଇ ସଅଁରା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ରେ ପହଞ୍ଚିବ।

ଏହା ବ୍ୟତୀତ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାରମାନଙ୍କ ନେତୃତ୍ୱରେ ସାଇକେଲ, ବାଇକ୍ ଏବଂ ପଦଯାତ୍ରା ରାଲି ଆୟୋଜନ କରାଯିବ ।ସାର୍ବଜନୀନ ସ୍ଥାନରେ ତ୍ରିରଙ୍ଗା ଆଧାରିତ ରଙ୍ଗୋଲି ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜନ କରାଯିବ।



# କିମସରେ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ

ଭୁବନେଶ୍ୱର୧୦।୮: : 'ସୁସ୍ଥ ଅସ୍ଥି, ସୁସ୍ଥ ଗଣ୍ଠି ହିଁ ଉନ୍ନତ ଜୀବନର ଆଧାର – ସୁଦୃଢ଼ ଭାରତ' ବିଷୟବସ୍ତୁକୁ ନେଇ କିମସ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଅଗଷ୍ଟ ୩ରୁ ୮ ତାରିଖ ପର୍ଯ୍ୟନ୍ତ ୧୫ତମ ଅସ୍ଥି ଓ ଗଣ୍ଠି ସପ୍ତାହ ପାଳିତ ହୋଇଯାଇଛି। ଇଣ୍ଡିଆନ୍ ଅର୍ଥୋପେଡିକ୍ ଆସୋସିଏସନ୍ ଏବଂ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ଆହ୍ୱାନ କ୍ରମେ ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କିମସରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏଥିରେ ଶିଶୁମାନଙ୍କର ବିକାଶଜନିତ ବିକୃତି ଚିହ୍ନଟ ପାଇଁ ସ୍କ୍ରିନିଂ, ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ ଚିହ୍ନଟ, ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ପଡ଼ିଯିବା ରୋକିବା, ପିଠି ଯନ୍ତ୍ରଣା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟ ରଖିବା ଏବଂ କାର୍ଯ୍ୟସ୍ଥଳ ଓ ରାସ୍ତାରେ ଆଘାତଜନିତ ଦୁର୍ଘଟଣାକୁ ରୋକିବା ଭଳି ବିଭିନ୍ନ ବିଷୟ ସାମିଲ ଥିଲା। ଉତ୍ତମ ରୋଗୀସେବା ପାଇଁ ଡାକ୍ତରମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାର ଗୁରୁତ୍ୱ ଉପରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା।

ଅଗଷ୍ଟ ୫ ଓ ୬ ତାରିଖରେ ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଭପତି ଡା. ବସନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଡା. ଦିବ୍ୟ ସାହୁ ଓ ଡା. ବିଭୁଦତ୍ତ ସାହୁଙ୍କୁ ନେଇ ଗଠିତ ଏକ ଟିମ୍ କିସ୍ ପରିଦର୍ଶନ କରିଥିଲେ। ସେଠାରେ ମୋଟ ୧,୨୩୫ ଜଣ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଗଷ୍ଟ ୬ ତାରିଖରେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ମାନସିକ ଚାପ ପରିଚାଳନା ଓ ସାମଗ୍ରିକ ସୁସ୍ଥତା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। କିମସ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଡା. ଦେବାଶିଷ ମିଶ୍ର, ଓଡ଼ିଶା ଅର୍ଥୋପେଡିକ୍ ଆସୋସିଏସନର ସଂପାଦକ ଡା. ସତ୍ୟ ପାତ୍ର ଏବଂ ମନସ୍ତତ୍ତ୍ୱ ବିଶେଷଜ୍ଞ ଡା. ପାତ୍ରଜୋଶୀ ଏଥିରେ ବକ୍ତବ୍ୟ ରଖିଥିଲେ।



ସେହି ଦିନ ପ୍ରାୟ ୭୦ ଜଣ ବରିଷ୍ଠ ନାଗରିକ ଓ ରୋଗୀଙ୍କ ସହାୟକଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଡା. ଅମ୍ଳାନ ଦାସ ଘରେ ପଡ଼ିଯିବା ଭଳି ଦୁର୍ଘଟଣାକୁ ରୋକିବା ସହ ପିଠି ସମ୍ବନ୍ଧୀୟ ସମସ୍ୟା ଏଡ଼ାଇବା ପାଇଁ ସଠିକ୍ ଶାରୀରିକ ଭଙ୍ଗୀ ବଜାୟ ରଖିବା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ।

ଅଗଷ୍ଟ ୭ ତାରିଖରେ କିମସ ଅସ୍ଥିଶଲ୍ୟ ବିଭାଗ ବହିର୍ବିଭାଗରେ ଏକ ମାଗଣା ବୋନ୍ ମିନେରାଲ୍ ଡେନ୍‌ସିଟି ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ପ୍ରାୟ ୮୦ ଜଣଙ୍କର ଶରୀର ପରୀକ୍ଷା କରାଯାଇ ଅସ୍ଥିକ୍ଷୟ ରୋଗକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବାର ସୁଯୋଗ ମିଳିଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ